

Odia Daily

www.theutkalsamachar.com

ଉତ୍କଳ ସମାଗମ

ଦୈନିକ ଚେତନାର ପ୍ରଖ୍ୟାତ

THE UTKAL SAMACHAR

PUBLISHED FROM ROURKELA, SAMBALPUR & BHUBANESWAR



Vol - 22 | Issue No:194 | 11 November 2026 (Wednesday) | Rourkela | Rs.2.00 | Page -1 | ୨୨ ବର୍ଷ | ସଂଖ୍ୟା:୧୯୪ | ୧୧ ନଭେମ୍ବର ୨୦୨୬ (ବୁଧବାର) | ରାଉରକେଲା | ମୂଲ୍ୟ:ଟ.୨.୦୦ | ପୃଷ୍ଠା-୬

ବାଲେଶ୍ୱରରେ ନୂଆ ଭତା ପୋର୍ଟାଲର ଶୁଭାରମ୍ଭ

୫ ଲକ୍ଷ ନୂଆ ହିତାଧିକାରୀଙ୍କୁ ଭତା ବଣ୍ଟନ କଲେ ମୁଖ୍ୟମନ୍ତ୍ରୀ



ବାଲେଶ୍ୱର,୧୦/୧୧(ନି/ପ):ବାଲେଶ୍ୱରରେ ନୂଆ ଭତାପୋର୍ଟାଲର ଶୁଭାରମ୍ଭ କରିବା ସହ ୫ ଲକ୍ଷ ନୂଆ ହିତାଧିକାରୀଙ୍କୁ ଭତା ପ୍ରଦାନ କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ଏହି ଅବସରରେ ଆୟୋଜିତ ଜନସଭାକୁ ସମ୍ବୋଧନ କରି ମୁଖ୍ୟମନ୍ତ୍ରୀ କହିଛନ୍ତି, ଏଣିକି ଭତା ପାଇଁ ଆଉ କାହାକୁ ଅପେକ୍ଷା କରିବାକୁ ପଡ଼ିବ ନାହିଁ। ନୂଆ ଟାର୍ଗେଟ୍ ନ ଥିବାରୁ ଅନେକ ଯୋଗ୍ୟ ହିତାଧିକାରୀଙ୍କୁ ଭତା ପାଇଁ ଅପେକ୍ଷା କରିବାକୁ ପଡୁଥିଲା। ଏବେ ୫ଲକ୍ଷ ନୂତନ ଯୋଗ୍ୟ ହିତାଧିକାରୀଙ୍କୁ ଭତା ଦେଉଛନ୍ତି ସରକାର। ପୂର୍ବ ସରକାରଙ୍କୁ ସମାଲୋଚନା କରି ମୁଖ୍ୟମନ୍ତ୍ରୀ କହିଛନ୍ତି, ପୂର୍ବ ସରକାର ଜିଲ୍ଲାସ୍ତରରେ ଛୋଟା ବ୍ୟବସ୍ଥା ଲାଗୁ କରିଥିଲେ। ଫଳରେ ଅନେକ ଯୋଗ୍ୟ ହିତାଧିକାରୀ ଭତା ପାଇବାରୁ ବଞ୍ଚିତ ହେଉଥିଲେ। ଜଣେ ହିତାଧିକାରୀଙ୍କ ପର ଖାଲି ହେଲେ ହିଁ ଅନ୍ୟ ଜଣକୁ ଚାଲିକାରେ ସାମିଲ କରାଯାଉଥିଲା। ଆମ ସରକାର ଏଭଳି ଅମାନବୀୟ ବ୍ୟବସ୍ଥାକୁ ଦୂର କରିଛନ୍ତି। ଏବେ ସମସ୍ତ ଯୋଗ୍ୟ ବିବେଚିତ ବ୍ୟକ୍ତି ଭତା ପାଇବେ ବୋଲି ସେ କହିଛନ୍ତି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆହୁରି କହିଛନ୍ତି, ପୂର୍ବରୁ ରାଜ୍ୟରେ ୩.୬ ଲକ୍ଷ ୭୫ ହଜାର ହିତାଧିକାରୀ ଭତା ପାଉଥିବା ବେଳେ ଏବେ ଏହି ସଂଖ୍ୟା ୪୧ ଲକ୍ଷ ୮୦ ହଜାରରେ ପହଞ୍ଚିଛି।ଭତା ବ୍ୟବସ୍ଥାକୁ ଅଧିକ ସରଳ ଓ ସ୍ୱଚ୍ଛ କରିବା ପାଇଁ ତତଗତ (ତଭସଲସରୟ ତରଭଳ୍ପସଂକ୍ଲ ସରଭଦରରଞ୍ଜରଭଳ୍ପ ଚଂକ୍ଳଳ୍ପରକ୍ଷ)ର ଶୁଭାରମ୍ଭ କରାଯାଇଛି। ଏଣିକି ନୂଆ ପେନସନ୍ ପାଇଁ ହିତାଧିକାରୀମାନେ ଏହି ପୋର୍ଟାଲ୍ ମାଧ୍ୟମରେ ଆବେଦନ କରିପାରିବେ। ୮୦ ବର୍ଷ ବୟସ ହେବା ପରେ ସ୍ୱଂଚାଳିତ ଭାବେ ବର୍ଦ୍ଧିତ ଭତା ମିଳିବାର ବ୍ୟବସ୍ଥା ମଧ୍ୟ କରାଯାଇଛି। ମୁଖ୍ୟମନ୍ତ୍ରୀ ଆହୁରି କହିଛନ୍ତି, ଡିସେମ୍ବର ୧୫ରୁ ନୂଆ ଓ ପୁରୁଣା ହିତାଧିକାରୀମାନେ ଭତା ପାଇବେ। ଚଳିତ ମାସ ୨୫ ତାରିଖରୁ ସମସ୍ତ ଯୋଗ୍ୟ ହିତାଧିକାରୀଙ୍କୁ ଭତା ପ୍ରଦାନ କରାଯିବ।

ଆଜି ମିଳିବ ସ୍ୱଚ୍ଛ ସର୍ବେକ୍ଷଣ ପୁରସ୍କାର

ଦିଲ୍ଲୀ ଗଲେ ବିଏମ୍‌ସି, ପୁରୀ ଓ ଆଙ୍କା ଟିମ୍



ଭୁବନେଶ୍ୱର,୧୦/୧୧(ନି/ପ): ଆସନ୍ତା ୧୧ ତାରିଖ(ବୁଧବାର) ଦଶମ ସ୍ୱଚ୍ଛ ସର୍ବେକ୍ଷଣ ପୁରସ୍କାର ବିତରଣ କରାଯିବ । ସ୍ୱଚ୍ଛତା ଓ ପରିମଳ କ୍ଷେତ୍ରରେ ଭଲ ପ୍ରଦର୍ଶନ କରିଥିବା ଦେଶର ସହରଗୁଡ଼ିକୁ ପୁରସ୍କାର ମିଳିବ । ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ହାତରୁ ପୁରସ୍କାର ପାଇବେ । ଦିଲ୍ଲୀ ବିଜ୍ଞାନ ଭବନରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହେବ । ଓଡ଼ିଶାରୁ ୩ଟି ସହରକୁ ସ୍ୱଚ୍ଛ ସର୍ବେକ୍ଷଣ ପୁରସ୍କାର ଗ୍ରହଣ ପାଇଁ ଆମନ୍ତ୍ରଣ କରାଯାଇଛି । ଏଥିରେ ଭୁବନେଶ୍ୱର ମହାନଗର ନିଗମ, ପୁରୀ ଓ ଆଙ୍କା ପୌରାଂଚଳ ରହିଛି । ବିଏମ୍‌ସି ମେୟର ଓ କମିଶନରଙ୍କ ନେତୃତ୍ୱରେ ଏକ ଟିମ୍ ଦିଲ୍ଲୀ ଗସ୍ତରେ ଯାଉଛନ୍ତି । ସେହିଭଳି ପୁରୀ ମହାନଗର ନିଗମର ବରିଷ୍ଠ ଅଧିକାରୀ ଓ ଆଙ୍କା ପୌରାଂଚଳର ଅଧ୍ୟକ୍ଷ, କାର୍ଯ୍ୟନିର୍ବାହୀ ଅଧିକାରୀମାନେ ଦିଲ୍ଲୀ ଗସ୍ତରେ ଯାଉଛନ୍ତି । ପୁଣି ନଗର ଉନ୍ନୟନ ମନ୍ତ୍ରୀ, ପ୍ରମୁଖ ଶାସନ ସଚିବ ଓ ସ୍ୱଚ୍ଛତା ମିଶନ ନିର୍ଦ୍ଦେଶକଙ୍କୁ ମଧ୍ୟ ଦିଲ୍ଲୀ କାର୍ଯ୍ୟକ୍ରମ ପାଇଁ ଡାକରା ମିଳିଛି । ଏଥର ସ୍ୱଚ୍ଛ ସର୍ବେକ୍ଷଣର ଥିମ୍ ଅଛି ସ୍ୱଚ୍ଛତାର ନୂଆ ଆରମ୍ଭ, 'ହାତ ବଢ଼ାନ୍ତୁ ଓ ସାଥୀ ହୋଇ ସଫେଇ କରନ୍ତୁ' । ୨୦୨୫ରେ ହୋଇଥିବା ସ୍ୱଚ୍ଛ ସର୍ବେକ୍ଷଣରେ ଭୁବନେଶ୍ୱରକୁ ପ୍ରୋମିଂ ସ୍ୱଚ୍ଛ ସହର ପୁରସ୍କାର ମିଳିଥିଲା । ଏହା ୩ଲକ୍ଷରୁ ୧୦ଲକ୍ଷ ସହର ବର୍ଗରେ ରହି ପୁରସ୍କାର ହାତେଇଥିଲା । ରାଉରକେଲା ୧୪ତମ ସ୍ଥାନ, କଟକ ୩୩ତମ ଓ ବ୍ରହ୍ମପୁର ୫୪ତମ ସ୍ଥାନରେ ରହିଥିଲା । ଏଥର ଭୁବନେଶ୍ୱର ସମେତ ରାଜ୍ୟର ସହରଗୁଡ଼ିକ ପୂର୍ବାପେକ୍ଷା ଭଲ ପ୍ରଦର୍ଶନ କରିବେ ବୋଲି ଆଶା ରଖିଛନ୍ତି ।

ବନ୍ୟା ବିପନ୍ନଙ୍କୁ ସମ୍ପୂର୍ଣ୍ଣ କ୍ଷତିପୂରଣ ଦାବିରେ ଆସନ୍ତା ୧୩ରେ ସିପିଆଇର ବିକ୍ଷୋଭ

ଛତ୍ରପୁର,୧୦/୧୧(ନି/ପ): ଗଞ୍ଜାମ ଜିଲ୍ଲାର ବନ୍ୟା ବିପନ୍ନ, କ୍ଷତିଗ୍ରସ୍ତ ଚାଷୀ ଓ ସାଧାରଣ ଜନତାଙ୍କୁ ସମ୍ପୂର୍ଣ୍ଣ କ୍ଷତିପୂରଣ ଓ ଉପଯୁକ୍ତ ସହାୟତା ପ୍ରଦାନ ଦାବିରେ ଭାରତୀୟ କମ୍ୟୁନିଷ୍ଟ ପାର୍ଟି (ସିପିଆଇ) ପକ୍ଷରୁ ନଭେମ୍ବର ୧୩ରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଗଣଧାରଣା ଏବଂ ଡିସେମ୍ବର ୩ରେ ଆନ୍ଧ୍ର ଅମାନ୍ୟ ଆନ୍ଦୋଳନ କରାଯିବ। ଏନେଇ ଆଜି (ମଙ୍ଗଳବାର) ବଜର ଆଡଂକ୍ଲିକ ସହ ସେମାନଙ୍କ ସମସ୍ୟା ଓ ପରିଷ୍ଥରର ମିଳିତ ବୈଠକରେ ନିଷ୍ପତି ନିଆଯାଇଛି। ଆଜି ଛତ୍ରପୁରସ୍ଥିତ ଲକ୍ଷ୍ମଣ ଭବନ ପରିସରରେ ଛତ୍ରପୁର, ଚମାଖଣ୍ଡି ଓ ଗଞ୍ଜାମ ଆଡଂକ୍ଲିକ ପରିଷ୍ଥରର ମିଳିତ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ରାଜ୍ୟ ଲୋଡଂ ପଣ୍ଡାଙ୍କ ଅଧ୍ୟକ୍ଷତା କରିଥିଲେ। ବନ୍ୟା ସମୟରେ ସିପିଆଇର ପ୍ରତିନିଧି ଦଳ ଗଞ୍ଜାମ ଜିଲ୍ଲାର ବିଭିନ୍ନ ପ୍ରଭାବିତ ଅଂଚଳ ଗସ୍ତ କରି ବିପନ୍ନଙ୍କୁ ଭେଟିବା ସହ ସମ୍ପୂର୍ଣ୍ଣ କ୍ଷତିପୂରଣ ଦାବିରେ ଏକ ଦାବିପତ୍ର ପ୍ରଦାନ କରାଯିବା ପରେ ଏହି ସ୍ମାରକପତ୍ରରେ, ବନ୍ୟାରେ ପ୍ରାଣ ହରାଇଥିବା ବ୍ୟକ୍ତିଙ୍କ ପରିବାରକୁ ୨୦ ଲକ୍ଷ ଟଙ୍କାର ସହାୟତା, ଆହତକୁ ଉପଯୁକ୍ତ ଚିକିତ୍ସା ଓ ଆର୍ଥିକ ସହାୟତା, ଚାଷୀଙ୍କୁ ଫଡଚ୍ଚ କ୍ଷତିପୂରଣ ପ୍ୟାକେଜ୍ ସହ ସମସ୍ତ କ୍ଷତିଗ୍ରସ୍ତଙ୍କୁ ନ୍ୟାୟସଙ୍ଗତ ସହାୟତା ପ୍ରଦାନ କରିବାକୁ ଦାବି ହୋଇଛି।



ପୁଣି ଲଘୁଚାପ ଆଶଙ୍କା : ୧୩ରୁ ବର୍ଷା ସମ୍ଭାବନା



ଭୁବନେଶ୍ୱର,୧୦/୧୧(ନି/ପ): ପୁଣି ଲଘୁଚାପ ଆଶଙ୍କା। ବଙ୍ଗୋପସାଗରରେ ପୁଣି ଲଘୁଚାପ କ୍ଷେତ୍ର ସୃଷ୍ଟି ସମ୍ଭାବନା। ୧୩ ତାରିଖ ବେଳକୁ ସୃଷ୍ଟି ହୋଇପାରେ ଲଘୁଚାପ। ଲଘୁଚାପ ସୃଷ୍ଟି ହେଲେ ଉତର-ପଶ୍ଚିମ ବିଗରେଗତି କରିବ। ପରବର୍ତ୍ତୀ ୨୪ ଘଣ୍ଟାରେ ଏହା ଅଧିକ ଘନୀଭୂତ ହେବ। ଘନୀଭୂତ ହୋଇ ସୁଦ୍ଧଶ ଲଘୁଚାପରେ ପରିଣତ ହେବ। ପ୍ରଭାବରେ ରାଜ୍ୟରେ ବର୍ଷାସମ୍ଭାବନା ରହିଛି। ଚଳିତ ବର୍ଷ ରାଜ୍ୟରେ ବନ୍ୟା ସହ କିଛି ମାତ୍ରାରେ ବାତ୍ୟାର ପ୍ରଭାବ ପଡ଼ିଛି । ଯାହା ଫଳରେ ଚାଷ ଆରମ୍ଭ ହେବା ଠାରୁ ଆରମ୍ଭ ଜରି ଏବେ ଚାଷ ଅମଳ ପର୍ଯ୍ୟନ୍ତ ଚାଷୀମାନେ ନାହିଁ ନଥିବାର ଅସୁବିଧା ଭୋଗୁଛନ୍ତି । ଚାଷ ଆରମ୍ଭରୁ ବନ୍ୟା ସୃଷ୍ଟି ଦେଖାଦେବାରୁ ରାଜ୍ୟର ଅଧିକାଂଶ ଚାଷୀ ଠିକରେ ଚାଷ କାର୍ଯ୍ୟ କରିପାରିନଥିଲେ । ଏବେ ଅମଳ ସମୟ ଥିବାରୁ ଯଦି ଲଘୁଚାପଜନିତ ବର୍ଷା ହୁଏ ତେବେ ପାଚିଲା କ୍ଷେତ ନଷ୍ଟ ହେବାର ସମ୍ଭାବନା ରହିଛି ।

ଇରାନ ଯୁଦ୍ଧ ଶେଷ ! :

କତାର ପ୍ରଧାନମନ୍ତ୍ରୀଙ୍କୁ ଭେଟିବା ପରେ ଟ୍ରମ୍ପ କହିଲେ ସାମରିକ କାର୍ଯ୍ୟାନୁଷ୍ଠାନର ଆବଶ୍ୟକତା ନାହିଁ



ୱାଶିଂଟନ,୧୦/୧୧: ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ସୂଚିତ କରିଛନ୍ତି ଯେ, ଇରାନ ସହିତ ଚାଲିଥିବା ଯୁଦ୍ଧ ସାମରିକ ଭାବରେ ପ୍ରାୟ ସମାପ୍ତ ହୋଇଛି। ଜତାର ପ୍ରଧାନମନ୍ତ୍ରୀ ଶେଖ ମହମ୍ମଦ ବିନ୍ ଅବଦୁଲରହମାନ ବିନ୍ ଜାସିମ ଅଲ୍ ଆନିଙ୍କ ସହ ସାକ୍ଷାତ କରିବା ପରେ ଟ୍ରମ୍ପ କହିଛନ୍ତି, ସଂଘର୍ଷ ସମାପ୍ତ କରିବା ଦିଗରେ ସକାରାତ୍ମକ ଅଗ୍ରଗତି ହେଇଛି ଏବଂ ବର୍ତ୍ତମାନ ନୂତନ ଆକ୍ରମଣର ଆଉ ଆବଶ୍ୟକତା ନାହିଁ। ତେବେ ସେ ଏହା ମଧ୍ୟ ସ୍ପଷ୍ଟ କରିଛନ୍ତି ଯେ, ଆମେରିକା ନିଜର ସାମରିକ ପ୍ରସ୍ତୁତିକୁ ଜୋହଲ କରୁନାହିଁ ଏବଂ ପରିସ୍ଥିତି ପରିବର୍ତ୍ତନ ହେଲେ କାର୍ଯ୍ୟ।ନୁଷ୍ଠାନ ଗ୍ରହଣ କରିବାକୁ ସମ୍ପୂର୍ଣ୍ଣ ପ୍ରସ୍ତୁତ ରହିଛି। ଟ୍ରମ୍ପ କହିଛନ୍ତି ଯେ ଇରାନ ଯୁଦ୍ଧ ଏକ ନୂଆ ମୋଡ଼ରେ ପହଞ୍ଚିଛି। ସାମରିକ ଦୃଷ୍ଟିରୁ ଇରାନ ଅଧ୍ୟାୟ ପ୍ରାୟ ଶେଷ ହୋଇଗଲାଣି। ଆମେ କେବଳ ସ୍ଥିତାବସ୍ଥା ବଜାୟ ରଖୁଛୁ।ଇରାନର କ୍ଷମତା ଗୁରୁତର ଭାବରେ କ୍ଷତିଗ୍ରସ୍ତ ହୋଇଛି ଏବଂ ଆମେରିକାର ଧ୍ୟାନ ଏବେ ଏହା ନିଶ୍ଚିତ କରିବା ଉପରେ ରହିଛି ଯେପରି ତେହେରାନର ପରମାଣୁ କାର୍ଯ୍ୟକ୍ରମ ଭବିଷ୍ୟତରେ ବୈଶ୍ୱିକ ବିପଦ ସୃଷ୍ଟି କରିବ ନାହିଁ। ଆସୋସିଏଟେଡ୍ ପ୍ରେସ୍ ଅନୁଯାୟୀ, ଜତାର ପ୍ରଧାନମନ୍ତ୍ରୀଙ୍କ ସହ ସାକ୍ଷାତ ପରେ ଟ୍ରମ୍ପ କହିଛନ୍ତି, ଆଂଚଳିକ ସହଯୋଗୀମାନେ ସ୍ଥିତାବସ୍ଥା ବଜାୟ ରଖିବା ସପକ୍ଷରେ ଅଛନ୍ତି। ସେ ଏହା ମଧ୍ୟ କହିଛନ୍ତି ଯେ, ଇରାନ ସହିତ ଆଲୋଚନାର ବିଭି ସକାରାତ୍ମକ ସଂକେତ ମିଳିଛି। ସେମାନେ ଆମ ସହିତ ବିନପ୍ତାରେ କଥା ହେଉଛନ୍ତି। ମୂଳ ଅନୁଯାୟୀ, ମଧ୍ୟସ୍ଥି ଜତାର ସମ୍ପ୍ରତି ଇରାନର ପରମାଣୁ କାର୍ଯ୍ୟକ୍ରମ ସମ୍ପର୍କରେ ଆମେରିକାକୁ କିଛି ପ୍ରସ୍ତାବ ଦେଇଛି। ତେବେ ହାଇଟ୍ ହାଉସ୍ ଏ ବିଷୟରେ ଆନୁଷ୍ଠାନିକ ଭାବରେ ବୌଣସି ମନ୍ତବ୍ୟ ଦେଇନାହିଁ। ରିପୋର୍ଟ ଅନୁଯାୟୀ, ତେହେରାନ ଏବେ ବି ଆମେରିକାଠାରୁ ଅନେକ ରିହାତି ଦାବି କରୁଛି। ଏଥିରେ ଇରାନ ବନ୍ଦରଗୁଡ଼ିକ ଉପରେ ଅବରୋଧ ସମାପ୍ତ କରିବା, ଆର୍ଥିକ ଜବତଜଣା ଉଠାଇବା, ଜବତ ସମ୍ପତି ଫେରସ୍ତ କରିବା, ଯୁଦ୍ଧ କ୍ଷତି ପାଇଁ କ୍ଷତିପୂରଣ ଏବଂ ଆଂଚଳିକ ଶତ୍ରୁତାର ଅନ୍ତ ସନ୍ତର୍ଭୁକ୍ତ ରହିଛି। ଏହି ସମୟରେ, ଟ୍ରମ୍ପ ପ୍ରଶାସନ ଏବେ ବି ନିଶ୍ଚିତ କରିବାକୁ ଚାହୁଁଛନ୍ତି ଯେ, ଇରାନର ପରମାଣୁ କାର୍ଯ୍ୟକ୍ରମ ସମ୍ପୂର୍ଣ୍ଣ ନିୟନ୍ତ୍ରଣରେ ରହିବ। ଯୁଦ୍ଧ ଶେଷ ହୋଇଛି ବୋଲି କହିବା ସବୁଠାରୁ ବଡ଼ ସାମରିକ ଉପସ୍ଥିତି ହ୍ରାସ କରିବାକୁ ପ୍ରସ୍ତୁତ ନୁହେଁ। ସେ କହିଛନ୍ତି, ଆମେ ଏହାକୁ ଜାରି ରଖୁଛୁ। ଏହା ଇତିହାସରେ ଆମେରିକାର ସୈନ୍ୟ ବର୍ତ୍ତମାନ ଇରାନ ଚାରିପାଖରେ ଜଳଜାଗରେ ମୁତୟନ ଅଛନ୍ତି। ଆମେରିକୀୟ ନୌସେନା ବିଶ୍ୱ ବଜାରରେ ଇରାନୀ ତେଲ ଯେପରି ପହଞ୍ଚିବା ନପାରିବ ତାହା ରୋକିବା ପାଇଁ ଅପରେସନ ଜାରି ରଖିଛି।

ଶୁଭେନ୍ଦୁ ସରକାରଙ୍କ ୪ର୍ଥ ଏନ୍‌କାଉଣ୍ଟର !



ନୂଆବିଲ୍ଲୀ,୧୦/୧୧: ଉତର ଦିନାଜପୁରରେ ଜଣେ ନାବାଳିକାଙ୍କ ଦୁଷ୍କର୍ମ ଓ ହତ୍ୟା ଅଭିଯୋଗରେ ୪୭ ବର୍ଷୀୟ ଜଣେ ବ୍ୟକ୍ତି ପୁଲିସ ଏନ୍‌କାଉଣ୍ଟରରେ ନିହତ ହୋଇଛନ୍ତି । ପଶ୍ଚିମବଙ୍ଗରେ ସରକାର ପରିବର୍ତ୍ତନ ପରେ ପୁଲିସ ଏନ୍‌କାଉଣ୍ଟରରେ ଦୁଷ୍କର୍ମ ଓ ହତ୍ୟା ମାମଲାରେ ଅଭିଯୁକ୍ତଙ୍କ ମୃତ୍ୟୁ ଘଟିବାର ଏହା ଚତୁର୍ଥ ଘଟଣା ବୋଲି ଜଣାପଡିଛି ।ପ୍ରଥମ ଘଟଣା ଜୁଲାଇ ୭ ତାରିଖରେ ଦକ୍ଷିଣ ୨୪ ପ୍ରଗଣାର ବାରୁଇପୁରରେ ଘଟିଥିଲା। ଦ୍ୱିତୀୟ ଘଟଣା ଅକ୍ଟୋବର ୨୭ତାରିଖରେଉତର୍ତ୍ତ ୨୪ ପ୍ରଗଣାର ଗାଇଘାଟାରେ ଘଟିଥିଲା। ସେହି ଦିନ ଝିଙ୍କ ଗଙ୍ଗ ପରେ ମୁର୍ଶିଦାବାଦର ଧୁଲିଆନରେ ତୃତୀୟ ଏନ୍‌କାଉଣ୍ଟର ଘଟିଥିଲା। ଗତ ରବିବାର ୪ର୍ଥ ଏନକାଉଣ୍ଟର ଘଟିଛି ।

ଗ୍ରୀକ୍ ଡଙ୍ଗାବୁଡ଼ି ଘଟଣା :

୧୩ ଜଣଙ୍କ ମୃତଦେହ ଉଦ୍ଧାର, ମୃତକଙ୍କ ସଂଖ୍ୟା ୩୯କୁ ବୃଦ୍ଧି



ଏଥେନ୍ସ,୧୦/୧୧: ଗ୍ରୀକ୍ ଉତରୀୟ ଜଳସୀମାରେ ଶରଣାର୍ଥୀ ବୋଝେଇ ଏକ ଡଙ୍ଗା ଉଲ୍ଟିଯିବାରୁ ମୃତ୍ୟୁ ସଂଖ୍ୟା ୩୯କୁ ବୃଦ୍ଧି ପାଇଛି। ଉତର ଆଫ୍ରିକାର ଲିବିୟା ଉପକୂଳରୁ ଛାଡ଼ିଥିବା ଏହି ଡଙ୍ଗାରେ ଅତିକମରେ ୨୪୦ ଜଣ ଶରଣାର୍ଥୀ ଥିଲେ ବୋଲି ଆଶଙ୍କା କରାଯାଉଛି। ଉଦ୍ଧାର ହୋଇଥିବା ୧୭୯ ଜଣ ଲୋକଙ୍କୁ ଗ୍ରୀସ୍‌ର ଦକ୍ଷିଣ ଉପକୂଳରେ ଥିବା ଏକ ଶରଣାର୍ଥୀ ଶିବିରକୁ ନିଆଯାଇଛି। ଏହି ଶିବିରରେ ଏବେ ୩୦୦ ଜଣ ଶରଣାର୍ଥୀ ରହିଛନ୍ତି। ଉଦ୍ଧାର ହୋଇଥିବା ଲୋକଙ୍କ ଅନୁସାରେ, ଡଙ୍ଗାରେ ଥିବା ଲୋକଙ୍କ ମଧ୍ୟରେ ଅଧିକାଂଶ ସୁଦାନ, ସିରିଆ ଓ ପାକିସ୍ତାନର ନାଗରିକ ଥିଲେ। ଏମାନେ ଲିବିୟାରେ ଥିବା ଅବସ୍ଥାରୁ ଦୂରେଇ ଆସିବା ପାଇଁ ଡଙ୍ଗାରେ ଚଢ଼ିଥିଲେ। ଡଙ୍ଗାଟି ଉତର ସେନେଗାଲର ସେଣ୍ଟ-ଲୁଇସ୍‌ରୁ ସ୍ପାନିସ୍ ଉପଦ୍ୱୀପକୁ ଯାଉଥିବା ବେଳେ ରବିବାର ଡାହାରର ଉତରରେ କେତେମେର୍ ସହର ନିକଟରେ ଓଲଟି ପଡ଼ିଥିଲା । ଏଥିରେ କେତେଜଣ ଲୋକ ଥିଲେ ତାହା କୁହାଯାଇ ନାହିଁ।

ହଜାରିବାଗର ବନୁଆ ଘାଟିରେ ଭୟଙ୍କର ସଡ଼କ ଦୁର୍ଘଟଣା

ହଜାରିବାଗ,୧୦/୧୧: ଝାଡ଼ଖଣ୍ଡ ରାଜ୍ୟ ହଜାରିବାଗ ଜିଲ୍ଲାର ଚୌପାରଣ ଥାନା ଅଂଚଳରେ ଅବସ୍ଥିତ ବନୁଆ ଘାଟିରେ ସୋମବାର ଏକ ସଡ଼କ ଦୁର୍ଘଟଣାରେ ୫ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ୧୪ ଜଣ ଆହତ ହୋଇଛନ୍ତି। ଶବ ଅନ୍ତିମ ସଂସ୍କାର ପାଇଁ ବାରାଣସୀ ଯାଉଥିବା ଏକ ଯାତ୍ରୀବାହୀ ଗାଡ଼ିକୁ ଏକ ତ୍ରୁତଗାମୀ ଟ୍ୟାଙ୍କର ପଛରୁ ଧକ୍କା ଦେବା ଫଳରେ ଏହି ଦୁର୍ଘଟଣା ଘଟିଥିଲା। ଧକ୍କା ଏତେ ତୀବ୍ର ଥିଲା ଯେ, ଗାଡ଼ିରେ ଥିବା ଯାତ୍ରୀମାନେ ଚିତ୍କାର କରିଥିଲେ।

ଷ୍ଟିଲ୍ ପ୍ଲାଂଟରେ ଭୟଙ୍କର ବିସ୍ଫୋରଣ ! ଜଳିଗଲା ୧୬ ଜୀବନ, ୧୩ ଗୁରୁତର



ନୂଆବିଲ୍ଲୀ,୧୦/୧୧: ଜାମ ଚାଲିଥିଲା ଷ୍ଟିଲ୍ ପ୍ଲାଂଟରେ। ହଠାତ୍ କାନଫଟା ଶବ୍ଦରେ ଥରି ଉଠିଲା ପୁରା ଅଂଚଳ। ଆଖି ପିଚୁଲିବାକେ ଚାରିଆଡ଼େ ଖେଳିଗଲା ନିଆଁ। କିଛି ବୁଝିବା ଆଗରୁ ବିସ୍ଫୋରଣର ଭୟଙ୍କର ରୂପ ନେଇଗଲା ୧୬ ଜଣଙ୍କ ଜୀବନ। ଚାରିଆଡ଼େ ହାହାକାର, ଧୂଆଁ ଓ ମୃତ୍ୟୁର ବିଭୀଷିକା। ଦୁର୍ଗାର ଏକ ଷ୍ଟିଲ୍ ପ୍ଲାଂଟରେ ଘଟିଥିବା ଏହି ଭୟଙ୍କର ଦୁର୍ଘଟଣା ଏବେ ସାରା ଦେଶକୁ ସ୍ତବ୍ଧ କରିଦେଇଛି। ଦୁର୍ଗାର ଇଜମିର ପ୍ରଦେଶ ସନ୍ତର୍ଗତ ଆଲିଆଗରେ ଥିବା ହାବାସ ଷ୍ଟିଲ୍ ପ୍ଲାଂଟରେ ସୋମବାର ଏହି ବଡ଼ ଦୁର୍ଘଟଣା ଘଟିଛି। ପ୍ରଥମେ ଭୟଙ୍କର ବିସ୍ଫୋରଣ ହୋଇଥିଲା, ଆଉ ତା'ପରେ ଲାଗିଯାଇଥିଲା ଭୀଷଣ ନିଆଁ। ଏଥିରେ ୧୬ ଜଣଙ୍କ ମୃତ୍ୟୁ ହୋଇଥିବାବେଳେ ୧୩ ଜଣ ଆହତ ହୋଇଛନ୍ତି। ଆହତଙ୍କ ମଧ୍ୟରୁ ଦୁଇ ଜଣଙ୍କ ଅବସ୍ଥା ଗୁରୁତର ରହିଛି। ପ୍ରାଥମିକ ସୂଚନା ଅନୁସାରେ, ପ୍ଲାଂଟରେ ବଏଲର ବଦଳାଉବା କାମ ଚାଲିଥିବାବେଳେ ଏକ ତ୍ରୁଟି ଖବି ଭାଟି ଭିତରେ ପଡ଼ିଯାଇଥିଲା। ଫଳରେ ଭୟଙ୍କର ବିସ୍ଫୋରଣ ଘଟିଥିଲା। ସେହି ସମୟରେ ପ୍ଲାଂଟରେ ଉତ୍ପାଦନ କାମ ବନ୍ଦ ଥିଲା। ସାଧାରଣତଃ ଏହି ଅଂଚଳରେ ପ୍ରାୟ ୩୦୦ କର୍ମଚାରୀ ରହୁଥିବାବେଳେ ଦୁର୍ଘଟଣା ସମୟରେ ପ୍ରାୟ ୨୦୦ ଜଣ ଉପସ୍ଥିତ ଥିଲେ। ଘଟଣାକୁ ନେଇ ରାଷ୍ଟ୍ରପତି ଉଚ୍ଚ ତେୟିକ ଏର୍ଦୋଗାନ ଗଭୀର ଶୋକ ପ୍ରକାଶ କରିଛନ୍ତି। ଏଥିସହ ବିସ୍ଫୋରଣର କାରଣ ଓ ଦୁର୍ଘଟଣା ପଛରେ କାହାର ଅବହେଳା ରହିଛି, ତାହା ଜାଣିବାକୁ ନ୍ୟାୟିକ ଓ ପ୍ରଶାସନିକ ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି। ୧୯୮୭ରେ ପ୍ରତିଷ୍ଠିତ ଏହି ଷ୍ଟିଲ୍ ପ୍ଲାଂଟର ବାର୍ଷିକ ଉତ୍ପାଦନ କ୍ଷମତା ୪୫ ଲକ୍ଷ ଟନ୍। ତେବେ ଏତେ ବଡ଼ ଶିଳ୍ପାନୁଷ୍ଠାନରେ ସୁରକ୍ଷା ବ୍ୟବସ୍ଥା ଭେଦେ ମଜଭୁତ ଥିଲା, ତାହାକୁ ନେଇ ଏବେ ଉଠିଛି ବଡ଼ ପ୍ରଶ୍ନ। ତଦନ୍ତ ପରେ ଦୁର୍ଘଟଣାର ପ୍ରକୃତ କାରଣ ଓ ଦାୟୀ ବ୍ୟକ୍ତିଙ୍କ ସମ୍ପର୍କରେ ସ୍ପଷ୍ଟ ହେବ।

ଆବଶ୍ୟକ

ଉତ୍କଳ ସମାଗମ

The Utkal Samachar

www.theutkalsamachar.com

ଦୈନିକ 'ଉତ୍କଳ ସମାଗମ'ର ସମସ୍ତ ଜିଲ୍ଲା ପାଇଁ: ଜିଲ୍ଲାସ୍ତରୀୟ ସାମ୍ବାଦିକ ଆବଶ୍ୟକ । ଇଚ୍ଛୁକ ପ୍ରାର୍ଥୀ ନିମ୍ନ ଠିକଣାରେ ଯୋଗାଯୋଗ କରିପାରିବେ ।

Address:Qrs No-B/204, Sec-16,Rourkela,

Mob:9692048008

Email: utkalsamachar@gmail.com



କେନ୍ଦୁଝର ସମାଚାର
A.R. KHAN
ARNMEDIA COMPLEX, New Market, Keonjhar
(Near Collectorate, Dist. Keonjhar, Phone / Fax: (06767) 255016
Email: utkalsamachar@gmail.com, Mob: 9437086122

କେନ୍ଦୁଝରର ସିଟିଜି କଲେଜରେ ଅଘଟଣ : ଚାରି ମହଲା ଛାତରୁ ପଡ଼ି ମେଧାବୀ ଛାତ୍ରଙ୍କ ମୃତ୍ୟୁ



କେନ୍ଦୁଝର,୧୦/୧୧(ନି/ପ): କେନ୍ଦୁଝରର ଡିୟୋ ସ୍ଥିତ ସିଟିଜି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଜଣେ ମେଧାବୀ ଛାତ୍ରଙ୍କ ଅନୁଷ୍ଠାନର ଚତୁର୍ଥ ମହଲାର ଶ୍ରେଣୀଗୃହ ଝରକାରୁ ପଡ଼ି +୨ ବିଜ୍ଞାନ ଛାତ୍ର ଆଦିତ୍ୟ ନାରାୟଣ ପଲେଇଙ୍କ ମୃତ୍ୟୁ ଘଟିଛି। ଛାତ୍ର ଜଣକ ହରିଚନ୍ଦନପୁର ବ୍ଲକ ନଳପଙ୍ଗା ଗ୍ରାମର ସୁଧାଂଶୁ ପଲେଇଙ୍କ ଏକମାତ୍ର ପୁତ୍ର ଚଳିତ ଶିକ୍ଷାବର୍ଷରେ ସିଟିଜିରେ +୨ ବିଜ୍ଞାନ ପଢ଼ିବା ସହ ହଷ୍ଟେଲରେ ରହୁଥିଲେ। ଗତ ଶୁକ୍ରବାର ମଧ୍ୟାହ୍ନରେ ଚତୁର୍ଥ ମହଲାର ଏକ ଶ୍ରେଣୀଗୃହ ଝରକାରୁ ତଳକୁ ପଡ଼ି ଗୁରୁତର ହୋଇଥିଲେ। ତାଙ୍କୁ ପ୍ରଥମେ ଧରଣୀଧର ମେଡିକାଲ କଲେଜ କେନ୍ଦୁଝର ଏବଂ ପରେ ଅବସ୍ଥା ଗୁରୁତର ହେବାରୁ ଚିକିତ୍ସା ପାଇଁ ଭୁବନେଶ୍ୱର ସ୍ଥିତ ଏକ ଘରୋଇ ହସ୍ପିଟାଲକୁ ନିଆଯାଇଥିବା ବେଳେ ତାଙ୍କର ମୃତ୍ୟୁ ହୋଇଥିବା ଜଣାପଡ଼ିଛି। ଅନୁଷ୍ଠାନରେ ଶ୍ରେଣୀଗୃହ ଓ ହଷ୍ଟେଲ ନିର୍ମାଣ କାର୍ଯ୍ୟ ଅସମ୍ପୂର୍ଣ୍ଣ ଥିବା ସତ୍ତ୍ୱେ ଏହାକୁ ଶିକ୍ଷାଦାନ ନିମନ୍ତେ ବ୍ୟବହାର କରାଯାଉଥିଲା। ଏପରିକି ଝରକାରେ ସୁରକ୍ଷା ଗ୍ରୀଲ ନଥିବା ମଧ୍ୟ ଅଭିଯୋଗ ହୋଇଛି। ଏହା କେବଳ ପରିଚାଳନା ଗତ ଅବହେଳା ନୁହେଁ, ବରଂ ଛାତ୍ରଛାତ୍ରୀଙ୍କ ଜୀବନ ପ୍ରତି ଅଣଦେଖା ବୋଲି କୁହାଯାଇପାରେ। +୨, +୩ ସହ ପାରାମେଡିକାଲ ପାଠ୍ୟକ୍ରମ ଚଲାଉଥିବା ଏହି ଅନୁଷ୍ଠାନ ବିରୋଧରେ ଶିକ୍ଷାଦାନ ଅପେକ୍ଷା ବ୍ୟବସାୟିକ ମନୋବୃତ୍ତିକୁ ଅଧିକ ଗୁରୁତ୍ୱ ଦେବା ଏବଂ ଅଭିଭାବକଙ୍କୁ ଶୋଷଣ କରିବା ନେଇ ବାରମ୍ବାର ଅଭିଯୋଗ ହୋଇ ଆସୁଥିବା ବେଳେ ଏବେ ପ୍ରତି ପ୍ରଶାସନ ର ଅଣଦେଖା ମନୋଭାବ ବିଭିନ୍ନ ସମୟରେ ବିପର୍ଯ୍ୟୟ ସୃଷ୍ଟି କରିବା ସହିତ ଜୀବନ ହାନୀ ଭଳି ଘଟଣା ଘଟୁଛି ,ଏଭ ଶିକ୍ଷାନୁଷ୍ଠାନର ଚତୁର୍ଥ ମହଲାରେ ଛାତ୍ରଛାତ୍ରୀଙ୍କ ସୁରକ୍ଷା ପାଇଁ କି ପ୍ରକାର ବ୍ୟବସ୍ଥା ଥିଲା ? ଝରକାରେ ସୁରକ୍ଷା ବ୍ୟବସ୍ଥା ନଥିଲେ ବାୟୀ କିଏ ? ଘଟଣା ସମୟରେ ଶ୍ରେଣୀଗୃହରେ କିଏ ଉପସ୍ଥିତ ଥିଲେ ? ଅନୁଷ୍ଠାନ ପକ୍ଷରୁ ଘଟଣା ସମ୍ପର୍କରେ କେଉଁ ପ୍ରକାର ତଥ୍ୟ ପ୍ରଦାନ କରାଯାଇଛି ? ଅନ୍ୟପକ୍ଷରେ, ଅନୁଷ୍ଠାନର କର୍ତ୍ତୃପକ୍ଷ ବିଭିନ୍ନ ରାଜନେତାଙ୍କ ସହ ଉଠାର ଥିବା ଫଟୋ ସାମାଜିକ ଗଣମାଧ୍ୟମରେ ପ୍ରଚାର କରି ପ୍ରଭାବଶାଳୀ ସମ୍ପର୍କର ଛବି ସୃଷ୍ଟି କରୁଥିବା ନେଇ ମଧ୍ୟ ପୂର୍ବରୁ ଅଭିଯୋଗ ହୋଇଛି। ଜିଲ୍ଲୁ ରାଜନୈତିକ ପରିଚୟ ଜିୟା ପ୍ରଭାବଶାଳୀ ବ୍ୟକ୍ତିଙ୍କ ସହ ଫଟୋ ଉଠାଇବା କୌଣସି ଅନୁଷ୍ଠାନ ଆଇନ ଓ ନିୟମର ଉର୍ଦ୍ଧ୍ୱରେ ରଖି ପାରିବ ନାହିଁ। ମାତାପିତା ନିଜ ସନ୍ତାନକୁ ଉନ୍ନତ ଶିକ୍ଷା ଓ ଉଜ୍ଜ୍ୱଳ ଭବିଷ୍ୟତର ଆଶା ନେଇ ଶିକ୍ଷାନୁଷ୍ଠାନରେ ଛାଡ଼ି ଆସିଥି । ସେଠାରେ ସନ୍ତାନର ସୁରକ୍ଷା ନିର୍ଣ୍ଣିତ କରିବା ଅନୁଷ୍ଠାନର ପ୍ରଥମ ଦାୟିତ୍ୱ। ଆଦିତ୍ୟଙ୍କ ଅକାଳ ମୃତ୍ୟୁ କେବଳ ଗୋଟିଏ ପରିବାରର ଅପୂରଣୀୟ କ୍ଷତି ନୁହେଁ, ବାପା ମାଆଙ୍କ ଏକ ମାତ୍ର ପୁତ୍ର ଆଦିତ୍ୟଙ୍କୁ ନ୍ୟାୟ ମିଳିବା ସହ ଭବିଷ୍ୟତରେ ଏଭଳି ଦୁଃଖଦ ଘଟଣା ର ପୁନରାବୃତି ନ ଘଟେ, ସେଥିପାଇଁ ପ୍ରଶାସନ ଜରୋଯ ପଦକ୍ଷେପ ନେବାର ଆବଶ୍ୟକତା ରହିଛି। ଏକ ଗୁରୁତର ତଥ୍ୟ ଅନୁଯାୟୀ ଏଠାରେ କେନ୍ଦୁଝୁ ପିଢି ଯାଏ ଶିକ୍ଷାଦାନର ବ୍ୟବସ୍ଥା ଥିଲେ ମଧ୍ୟ ଶିକ୍ଷକ ସେମାନଙ୍କ ଯୋଗ୍ୟତା ଏକ ପ୍ରଶ୍ନବାଚୀ ,ଶୌଚାଳୟ , ଖେଳ ପଡିଆ , ଲ୍ୟାବ ର ଭିତିଭୂମି ଅନେକ ସଂଶୟ ସୃଷ୍ଟି କରେ , କିଛିଲି ପିଲାଙ୍କୁ ଶିକ୍ଷାଦାନ ଦିଆଯାଇଛି ଅଥବା ଅଶିକ୍ଷା କୁଶିକ୍ଷା ର ଉର୍ଦ୍ଧକୁ ଠେଲିବିଆଯାଇଛି ତାହା ଚରମ ସାପେକ୍ଷ ।

ଆୟୁର୍ବେଦିକ ମହାବିଦ୍ୟାଳୟରେ ବିଭିନ୍ନ ସମସ୍ୟାକୁ ନେଇ ଆଲୋଚନା କଲେ ନରସିଂହ

ବଲାଙ୍ଗୀର,୧୦/୧୧(ନି/ପ): ପୂର୍ବତନ ଆଇନ ମନ୍ତ୍ରୀ ନରସିଂହ ମିଶ୍ର ସ୍ଥାନୀୟ ସରକାରୀ ଆୟୁର୍ବେଦିକ ମହାବିଦ୍ୟାଳୟକୁ ଯାଇ ସେଠାରେ ଥିବା ବିଭିନ୍ନ ସମସ୍ୟା ଓ ତାର ସମାଧାନକୁ ନେଇ ଜଲଜ କର୍ତୃପକ୍ଷ ପୁଲାଚନ ଓ ବର୍ତମାନର ଛାତ୍ର ନେତାଙ୍କ ସହ ଆଲୋଚନା କରିଛନ୍ତି। ଆଲୋଚନା ସମୟରେ ବିଶେଷ କରି ଶ୍ରୀ ମିଶ୍ର ବିଧାୟକ ଥିବା ବେଳେ ତାଙ୍କ ଉଦ୍ୟମରେ ଅଣାଯାଇଥିବା ବିଭିନ୍ନ ପ୍ରକଳ୍ପ ପାଇଁ ଆସିଥିବା ଅନୁଦାନରେ ପ୍ରକଳ୍ପ କାମର ମନ୍ଥରତାକୁ ନେଇ ଆଲୋଚନା ହୋଇଥିଲା। ବହୁକୋଟି ଟଙ୍କା ବ୍ୟୟ ଅଟକଳରେ ନିର୍ମାଣ ଚାଲିଥିବା ଅତିଚରିତ୍ର ଆଜି ପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ହୋଇପାରିନାହିଁ ଫଳରେ ଆୟୁର୍ବେଦ ମହାବିଦ୍ୟାଳୟର ଅନେକ ବିଭିନ୍ନ। ଶିକ୍ଷା ଜନିତ କାର୍ଯ୍ୟକ୍ରମ ପାଇଁ ଭାଡ଼ାରୀ ଛାତ୍ରମାନେ ହରଉରାଣ ହେଉଛନ୍ତି। ବାରମ୍ବାର ନିର୍ମାଣ କରୁଥିବା ସଂସ୍ଥା ତଥା ତଦାରଖ କରୁଥିବା ବିଭାଗୀୟ ଯନ୍ତ୍ରୀଙ୍କୁ ଏନେଇ ଅଭିଯୋଗ ଜଲେ ହେଁ କୌଣସି ପ୍ରକାର ଫଳ ମିଳୁନାହିଁ। ଏହାକୁ ନେଇ ଶ୍ରୀ ମିଶ୍ର ଉପରିସ୍ଥ ଅଧିକାରୀଙ୍କ ସହ ଆଲୋଚନା କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଜଲଜରେ ଶିକ୍ଷା ପାଇଁ ଦରକାର ହେଉଥିବା ହର୍ବାଲ ଗାର୍ଡେନ ଓ ଛାତ୍ରଛାତ୍ରୀଙ୍କ ନିମିତ ଦରକାର ହେଉଥିବା ଖେଳ ପଡିଆକୁ ନେଇ କୌଣସି ଅଗ୍ରଗତି ହୋଇପାରି ନାହିଁ । ତେଣୁ ଏ ବିଷୟରେ ବିଧିବଦ୍ଧ ଉଦ୍ୟମ କରାଯିବ ବୋଲି ଆଲୋଚନା ବେଳେ ନିଷ୍ପତି ହୋଇଥିଲା। ତାହା ସହ ଜଲଜ ପ୍ରତିଷ୍ଠାତା ସଭ୍ୟମାନଙ୍କର ପ୍ରତିମୂର୍ତି ବସାଯିବା ଏବଂ ଏ ବାବଦ ଖର୍ଚ୍ଚ ସେହି ପ୍ରତିଷ୍ଠାତା ସଭ୍ୟମାନଙ୍କର ପରିବାର ବର୍ଗ ବହନ କରିବେ ବୋଲି ପୁରାତନ ଛାତ୍ର ସଂସଦ ସଭାପତି ବାସୁଦେବ ପତି କହିଥିଲେ ଏବଂ ଅତିଚରିତ୍ର ସଂଲଗ୍ନ କୋଠରିଗୁଡିକୁ ଜଲଜ ପ୍ରତିଷ୍ଠା ଦିଗରେ ଉଦ୍ୟମ କରି ସଫଳ ହୋଇଥିବା ପ୍ରତିଷ୍ଠାତା ସଭ୍ୟମାନଙ୍କର ସ୍ମୃତିରେ ନାମକରଣ କରାଯିବ ବୋଲି ଆଲୋଚନା ସମୟରେ ନିଷ୍ପତି ହୋଇଥିଲା । ଆଜିର ଏହି ଆଲୋଚନା ସମୟରେ ପୂର୍ବତନ ଆଇନମନ୍ତ୍ରୀ ଶ୍ରୀ ମିଶ୍ରଙ୍କ ସହ ଜଲଜ ଅଧକ୍ଷ ଡା. ମନୋଜ ସାହୁ, ପୁରାତନ ଛାତ୍ର ସଂସଦ ସଭାପତି ଡା. ବାସୁଦେବ ପତି, ବର୍ତମାନର ଛାତ୍ର ସଂସଦ ଉପସଭାପତି ଅଭିଷେକ ରଥଙ୍କ ସମେତ ଜଲଜ କର୍ମଚାରୀ ଓ ଭାରୀ ଛାତ୍ରଛାତ୍ରୀମାନେ ଉପସ୍ଥିତ ଥିଲେ।

ଜ୍ଞାନେଶ କୁମାରଙ୍କ ଗିରଫ ଦାବିରେ ସିପିଆଇ(ଏମ) ପକ୍ଷରୁ ପଦଯାତ୍ରା

ଭଡ଼ଜ,୧୦/୧୧(ନି/ପ):ଜ୍ଞାନେଶ କୁମାରଙ୍କୁ ଗିରଫ କର, ଭୋଟଚୋର ନରେନ୍ଦ୍ର ମୋଦି ଗାଦି ଛାଡ଼, ଜନବିରୋଧି ଏସ୍ ଆଇ ଆର ବାତିଲ କର, ଇଭିଏମ ହଟାଇ ବାଲାଟ ପେପର ରେ ଭୋଟ କର, ବ୍ୟାପକ ନିର୍ବାଚନୀ ସଂସ୍କାର ଆଣ, ଏସ୍ ଆଇଆର ବିରୋଧୀ ଜନଆନ୍ଦୋଳନ ଉପରେ ଆକ୍ରମଣ ବନ୍ଦ କର, ସମ୍ବିଧାନ ଓ ଗଣତନ୍ତ୍ର ର ସୁରକ୍ଷା କର ,ନାଗରିକ ମାନଙ୍କ ଭୋଟ ଦେବାର ଅଧିକାର ସୁରକ୍ଷା କର ଦାବିନେଇ ସିପିଆଇ(ଏମ) ତାରବାଲି ଆଂଚଳିକ ଜମିତି ପକ୍ଷରୁ ଆଜି ସକାଳେ ତାରବାଲି ଏନ୍ ଏ ସି ର ୩ ଟି ଖୁଣ୍ଟ ରେ ପଦଯାତ୍ରା ଅନୁଷ୍ଠିତ ହୋଇଥିବା ବେଳେ ଏନ୍ଏ ସିର ୧୨ ଟି ଖୁଣ୍ଟ ସମେତ ଓରାସାହି ଫଟାରକର ଜଭଡିପାଥାଳ, ବେତ୍ରାକନ୍ଥର,ପବିନିପାଳ ଆଦି ଗାଁରେ ମଟର ସାଇକେଲ ଶୋଭାଯାତ୍ରା ଓ ପଥପ୍ରାନ୍ତ ସଭା ମାନ ଫଳାଫଳ ହୋଇଯାଇଛି ।

କେନ୍ଦୁଝରର ସର୍ବାଙ୍ଗୀନ ବିକାଶ ପାଇଁ ମୁଖ୍ୟମନ୍ତ୍ରୀ ପ୍ରତିଶ୍ରୁତିବଦ୍ଧ

କେନ୍ଦୁଝର,୧୦/୧୧(ନି/ପ): କେନ୍ଦୁଝର ପରାଜ୍ୟର କୃଷି, ସ୍ୱାସ୍ଥ୍ୟ, ବ୍ୟାଙ୍କିଙ୍ଗ୍ ଏବଂ ଗ୍ରାମାଞ୍ଚଳର ମୌଳିକ ଭିତିଭୂମିକୁ ସୁଦୃଢ଼ କରିବା ଦିଗରେ ଆଜି କେନ୍ଦୁଝରରେ ଆଉ ଏକ ଐତିହାସିକ ପଦକ୍ଷେପ ଗ୍ରହଣ କରାଯାଇଛି। ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ତୃତୀୟ ଦିନରେ କେନ୍ଦୁଝର ଜିଲ୍ଲାର ରାଜଳଳା ଗ୍ରାମପଂଚାୟତ ତଥା ସମଗ୍ର କେନ୍ଦୁଝର ଓ ମୟୂରଭଞ୍ଜ କୃଷକର ବିକାଶ ନିମନ୍ତେ ବିଭିନ୍ନ ପ୍ରକଳ୍ପର ଉତ୍‌ଘାଟନ ଏବଂ ଭିତିପ୍ରସ୍ତର ସ୍ଥାପନ କରିଛନ୍ତି।ଏହି କାର୍ଯ୍ୟକ୍ରମରେ କେନ୍ଦୁଝର ଏବଂ ମୟୂରଭଞ୍ଜ କୃଷକଙ୍କୁ ସମ୍ବୋଧନ କରୁଥିବା ବେଳେ ତିନୋଟି ବୃହତ ଉଠା ଜଳସେଚନ ପ୍ରକଳ୍ପର ଭିତିପ୍ରସ୍ତର ସ୍ଥାପନ କରାଯାଇଛି।ପ୍ରାୟ ୧୨୦ କୋଟିଟଙ୍କାର ଏହି ମେଗା ଲିଫ୍ଟ ଜଳସେଚନ ପ୍ରକଳ୍ପ ଅଧ୍ୟନରେ ରାଜଳଳା, ସତିକୁଦର ଏବଂ ଜାରଜାଣି ଭଳି ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପଗୁଡିକ କାର୍ଯ୍ୟକାରୀ ହେଉଛି, ଯାହାର କାର୍ଯ୍ୟ ୨୦୨୮ ସୁଦ୍ଧା ସମ୍ପୂର୍ଣ୍ଣ ହେବାକୁ ଲକ୍ଷ୍ୟ ରଖାଯାଇଛି। ଏହି ବୃହତ ପ୍ରକଳ୍ପଗୁଡିକ କେନ୍ଦୁଝର ଏବଂ ମୟୂରଭଞ୍ଜ ଜିଲ୍ଲାର ୪ ହଜାର ୨୮୦ ହେକ୍ଟର ଶୁଷ୍କ ଚାଷ ଜମିକୁ ଜଳସେଚନର ସୁବିଧା ଯୋଗାଇବ। ଏହାଦ୍ୱାରା କେନ୍ଦୁଝର ଜିଲ୍ଲାର ଝୁମୁରା ଓ କେନ୍ଦୁଝର ବ୍ଲକର ଅନେକ ଗ୍ରାମ ପଞ୍ଚିତ ମୟୂରଭଞ୍ଜ ଜିଲ୍ଲାର ଜାରଜାଣି ଅଂଚଳ



ପ୍ରତ୍ୟକ୍ଷ ଭାବେ ଉପକୃତ ହେବେ।ସେ କହିଛନ୍ତି ଯେ ଜଣେ ଚାଷୀ ପୁଅ ଭାବେ ସେ ଜାଣିଛି ଯେ ଜମିକୁ ଜଳ ଯୋଗାଣ ହେଲେ ଚାଷୀର ଅଧା ସମସ୍ୟାର ସମାଧାନ ଆପେ ଆପେ ହୋଇଯାଏ। ବର୍ତମାନର ସରକାର ଆସନ୍ତା ୫ ବର୍ଷରେ ୧୫ ଲକ୍ଷ ହେକ୍ଟର ଜମିକୁ ପାଣି ଯୋଗାଇବାକୁ ପାଇଁ ବ୍ୟବସ୍ଥା କରୁଛନ୍ତି। ରାଜ୍ୟରେ ଜଳସେଚନ ଭିତିଭୂମିର ସମ୍ପୂସାରଣ ସମ୍ପର୍କରେ ସୂଚନା ଦେଇ ମୁଖ୍ୟମନ୍ତ୍ରୀ ଜଣାଇଛନ୍ତି ଯେ ଚଳିତ ବର୍ଷ ବଜେଟରେ ବିଭିନ୍ନ ଜଳସେଚନ ପ୍ରକଳ୍ପ ପାଇଁ ୧୪ ହଜାର ୫୦୦ କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି। ସରକାର ୬ଟି ଅନ୍ତ-ନଦୀଜଳାଶୟ ପ୍ରକଳ୍ପ ସମ୍ପୂର୍ଣ୍ଣ କରିବା ସହିତ ୧୯୪୧ ଜିଲୋମିଟର ବାର୍ଦ୍ଧ ପିଲ୍ଡ ଚ୍ୟାନେଲ୍‌ର ଆରସିସି ଲାଇନିଙ୍ଗ୍ ସମ୍ପୂର୍ଣ୍ଣ କରିଛନ୍ତି, ଯାହାଦ୍ୱାରା ପ୍ରାୟ ୮୦ ହଜାର ହେକ୍ଟର ଜମାଣ୍ଡ ଏରିଆକୁ ଜଳସେଚନ ସୁବିଧା ମିଳିଛି। ଆନନ୍ଦପୁର ବ୍ୟାରେଜ୍, ଲୋୟର ସୁକତେଲ ଓ କୁସୁମୀ ବ୍ୟାରେଜ୍ ଅଧୀନରେ ଅଞ୍ଚଳଗ୍ରାଉଣ୍ଡ ପାଇପ୍ ଲାଇନ୍‌ର ବ୍ୟବସ୍ଥା କରାଯାଇଛି। ଏତଦ୍‌ବ୍ୟତୀତ ରାଜ୍ୟରେ ୬୫୬ଟି ନୂଆ ଡେଙ୍କପ୍ୟାମ୍ପ ନିର୍ମାଣ ଏବଂ ୧ ହଜାର ୨୨ଟି ପୁରୁଣା ଡେଙ୍କପ୍ୟାମ୍‌ର ନବୀକରଣ କରାଯାଇଛି ।ଆସନ୍ତା ଡିସେମ୍ବର ମାସରେ କେନ୍ଦୁଝର ଜିଲ୍ଲାର ବହୁପ୍ରତୀକ୍ଷିତ ଜାନୁପୁର ଜଳସେଚନ ପ୍ରକଳ୍ପର ଆନୁଷ୍ଠାନିକ ଉତ୍‌ଘାଟନ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି। ଏହି ବୃହତ ଜଳାଶୟ ପ୍ରକଳ୍ପ କାର୍ଯ୍ୟକ୍ଷମ ହେବାଦ୍ୱାରା ଜିଲ୍ଲାର ହଜାର ହେକ୍ଟର ଚାଷ ଜମିକୁ ସ୍ଥାୟୀ ଜଳସେଚନ ସୁବିଧା ମିଳିପାରିବ, ଯାହା ସ୍ଥାନୀୟ କୃଷକମାନଙ୍କ ଆର୍ଥିକ ଅବିବୃଦ୍ଧିରେ ପ୍ରମୁଖ ଭୂମିକା ଗ୍ରହଣ କରିବ।ଝୁମୁରା ଠାରେ ୧୭ କୋଟି ୯୭ ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ଝୁମୁରା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଶୁଭ ଉଦ୍‌ଘାଟନ କରିଛନ୍ତି, ଯାହାଦ୍ୱାରା ସ୍ଥାମାଞ୍ଚଳର ଆଦିବାସୀ ଓ ଚାଷୀ ଭାଇଭଉଣୀମାନେ ଉନ୍ନତ ଚିକିତ୍ସା ସେବା ନିଜ ଘରପାଖରେ ପାଇପାରିବେ। ରାଜଳଳାଠାରେ ଷ୍ଟର୍ଟ ବ୍ୟାଙ୍କ ଅଫ୍ ଇଣ୍ଡିଆର ଏକ ନୂତନ ଶାଖାର ଉଦ୍ ?ଘାଟନ କରାଯାଇଛି, ଯାହା ସ୍ଥାନୀୟ ଚାଷୀ ଓ ବ୍ୟବସାୟୀଙ୍କୁ ସରକାରୀ ଋଣ ଏବଂ ବ୍ୟାଙ୍କିଙ୍ଗ୍ ସେବା ପାଇବାରେ ବିଶେଷ ସହାୟକ ହେବ। ରାଇଜଳାରେ ହୋଇଥିବା ଉନ୍ନୟନମୂଳକ କାର୍ଯ୍ୟର ସୂଚନା ଦେଇ ମୁଖ୍ୟମନ୍ତ୍ରୀ ପ୍ରକାଶ କରିଛନ୍ତି ଯେ ରାଇଜଳାର ବିକାଶ ପାଇଁ ପ୍ରାୟ ୨୦୦ କୋଟି ଟଙ୍କା ବ୍ୟୟରେ ୧୦ଟି ବୃହତ୍ପାକ୍ଷ ସ୍ତରର ପ୍ରକଳ୍ପ ହାତକୁ ନିଆଯାଇଛି।

ଜିଲ୍ଲାସ୍ତରୀୟ ଛାୟା ସଂସଦ ଅନୁଷ୍ଠିତ

କେନ୍ଦୁଝର,୧୦/୧୧(ନି/ପ): ଜିଲ୍ଲାସ୍ତରୀୟ ଛାୟା ସଂସଦ ସ୍ଥାନୀୟ ପିଏମ୍ ଶ୍ରୀ ବାଳିକା ଉଚ୍ଚ ବିଦ୍ୟାଳୟ କେନ୍ଦୁଝର ଠାରେ ଅନୁଷ୍ଠିତ ହୋଇଯାଇଛି ।ଜିଲ୍ଲା ଶିକ୍ଷା ଅଧିକାରୀ ପୂର୍ଣ୍ଣ ଚନ୍ଦ୍ର ବରିହା ମୁଖ୍ୟଅତିଥି ଭାବେ ଯୋଗ ଦେଇ ଛାୟା ସଂସଦ କୁ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ ।ସାନ୍ନାନିତ ଅତିଥି ଭାବେ ଜିଲ୍ଲା କ୍ରୀଡା ଅଧିକାରୀ ସରୋଜ କୁମାର ମଲ୍ଲିକ,ଜିଲ୍ଲା ମଙ୍ଗଳ କାର୍ଯ୍ୟାଳୟର ସ୍ୱତନ୍ତ୍ର ଅଧିକାରୀ ସୁନାରାମ ଝି,ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ସତ୍ୟନାରାୟଣ ମହାନ୍ତ,ଶ୍ରୀହାରି ବେହେରା,ବୁଦ୍ଧ ନାରାୟଣ ସାମଲ ଯୋଗ ଦେଇଥିଲେ । ଜିଲ୍ଲାରେ ଥିବା ୩୬ଟି ପିଏମ୍ ଶ୍ରୀ ବିଦ୍ୟାଳୟରୁ ମନୋନୀତ ହୋଇ ଆସିଥିବା ଶିଶୁ ମାନେ ଏହି ସଂସଦ ସଭାରେ ଅଂଶ ଗ୍ରହଣ କରିଥିଲେ ।ସେମାନଙ୍କ ମଧ୍ୟରୁ ପ୍ରଧାନମନ୍ତ୍ରୀ,ବାଚସ୍ପତି ବିଭିନ୍ନ ମନ୍ତ୍ରୀ ସଂସଦ ର ଭୂମିକା ନିଭାଇ ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ।ଆଜିର ଗୃହ ରେ ବିଶେଷ ଜରି ଶିକ୍ଷା,ସ୍ୱାସ୍ଥ୍ୟ, ପରିବେଶ ଉପରେ ପ୍ରଶ୍ନକାଳ ଆୟୋଜିତ



ହୋଇଥିଲା । ବିରୋଧୀ ତଥା ଶାସକ ଦଳର ସାଂସଦ ମାନଙ୍କର ପ୍ରଶ୍ନ ଗୁଡ଼ିକର ଉତର ସଂପୃକ୍ତ ମନ୍ତ୍ରୀଗଣ ଉତର ରଖିଥିଲେ । ଶିଶୁ ମାନଙ୍କ ମଧ୍ୟରୁ ସର୍ବୋତମ ୨ ଜଣ ଶିଶୁ ରାଜ୍ୟ ସ୍ତର ଅନୁଷ୍ଠିତ ହେବାକୁ ଥିବା ଛାୟା ଜାତିସଂଘରେ ଅଂଶ ଗ୍ରହଣ କରିବେ ।ପିଏମ୍ ଶ୍ରୀ ଧନୁର୍ଜୟ ନାରାୟଣ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ପ୍ରବୀର କୁମାର ମହାନ୍ତି,ପିଏମ୍ ଶ୍ରୀ ସନ୍ଥୁ ଭଞ୍ଜ ଉଚ୍ଚ ବିଦ୍ୟାଳୟ,ପଜାଶପଙ୍ଗାର ପ୍ରଧାନ ଶିକ୍ଷକ କୃଷ୍ଣଚନ୍ଦ୍ର ମହାନ୍ତ,ପିଏମ୍ ଶ୍ରୀ ଲକ୍ଷ୍ମୀଧର ବିଦ୍ୟାପୀଠ,କୋଡ଼ପଡାର ପ୍ରଧାନଶିକ୍ଷକ ରବିକାନ୍ତ ଦେବତା,ପିଏମ୍ ଶ୍ରୀ ଆର.ବି. ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ମୃତ୍ୟୁଞ୍ଜୟ ପଣ୍ଡାଙ୍କ ସମେତ ବିଭିନ୍ନ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟତ୍ରୀ ଏହି କାର୍ଯ୍ୟକ୍ରମରେ ମାଷ୍ଟର ଟ୍ରେନର ଭାବେ ଦାୟିତ୍ୱ ତୁଲାଇଥିଲେ ।ଏହି କାର୍ଯ୍ୟକ୍ରମ ଜିଲ୍ଲା ଯୋଜନା ଫସଯୋଜକ ଅପର୍ଣ୍ଣା ତ୍ରିପାଠୀଙ୍କ ତତ୍ୱାବଧାନରେ ପରିଚାଳିତ ହୋଇଥିଲା ।ଏହି ଅବସରରେ ଅତନିର୍ବେଶୀ ଶିକ୍ଷା ସଂଯୋଜକ ପୀତବାସ ସାହୁ,ଆଦିବାସୀ ସଂଯୋଜକ ଦୁର୍ଗା ପ୍ରସନ୍ନ ଲାୟକ,ଏମ୍. ଆର.ଏସ୍ ପ୍ରୋଗ୍ରାମର ରଶ୍ମି ରଞ୍ଜନ ସାହୁ,ଏନ୍.ଏସ୍.ପୋଲିସ୍ ଉଚ୍ଚ ବିଦ୍ୟାଳୟର ଶିକ୍ଷକ ବିଜୟ କୁମାର ବେହେରା କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।ପ୍ରତି ପିଏମ୍ ଶ୍ରୀ ବିଦ୍ୟାଳୟ ରୁ ୪ ଜଣ ଲେଖାଏଁ ଶିଶୁ ପଇଲେ ପ୍ରମୁଖ ସକ୍ରିୟ ଭାବେ ଏହି କାର୍ଯ୍ୟକ୍ରମରେ ମାଷ୍ଟର ଟ୍ରେନର ଭାବେ ଦାୟିତ୍ୱ ତୁଲାଇଥିଲେ ।ଏହି କାର୍ଯ୍ୟକ୍ରମ ଜିଲ୍ଲା ଯୋଜନା ଫସଯୋଜକ ଅପର୍ଣ୍ଣା ତ୍ରିପାଠୀଙ୍କ ତତ୍ୱାବଧାନରେ ପରିଚାଳିତ ହୋଇଥିଲା ।ଏହି କାର୍ଯ୍ୟକ୍ରମ ରେ ଜିଲ୍ଲାର ଅଧ୍ୟାପିକା ସବିତା ନାଏକ,ଆଂଚଳିକ ମହାବିଦ୍ୟାଳୟ,ପଦ୍ମପୁର ରାଜନୀତି ବିଜ୍ଞାନର ଅଧ୍ୟାପକ ବିଶ୍ୱଜିତ ସାହୁ,ମନୋଜ ମଞ୍ଜରୀ ଶିଶୁ ଭବନ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ଫସନ କୁମାର ପଣ୍ଡା ବିଚାରକ ଭାବେ ଯୋଗ ଦେଇ ମୂଲ୍ୟାୟନ କରିଥିଲେ । ସମସ୍ତ ଅଂଶ ଗ୍ରହଣ କରିଥିବା କୃତୀ ଛାତ୍ର ଛାତ୍ରୀମାନଙ୍କୁ ମାନପତ୍ର ଓ ଉପଢୌକନ ପ୍ରଦାନ କରି ଉତ୍ସାହିତ କରାଯାଇଥିଲା ।ଶେଷରେ ପିଏମ୍ ଶ୍ରୀ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନଶିକ୍ଷକ ଜୟପ୍ରକାଶ ରାଉତ ଧନ୍ୟବାଦ ଅର୍ପଣ କରିଥିଲେ ।

ଜିଲ୍ଲାସ୍ତରୀୟ ଶିଶୁ ମହୋତ୍ସବ ସୁରଭି-୨୦୨୬

କେନ୍ଦ୍ରାପଡ଼ା, ୧୦/୧୧(ନି/ପ): ଜିଲ୍ଲାସ୍ତରୀୟ ଶିଶୁ ମହୋତ୍ସବ 'ସୁରଭି-୨୦୨୬' ଜିଲ୍ଲା ସଂସ୍କୃତି ଭବନରେ ଆଜି ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ସମଗ୍ର ଶିକ୍ଷା ଅଭିଯାନ ଓ ଜିଲ୍ଲା ପ୍ରଶାସନର ଆନୁକୂଲ୍

ବିବିଧା

ଏମିତି ହୋଟେଲ

ଏଠାକୁ ମରିବାକୁ ଆସନ୍ତି ଲୋକେ



ବାରଣାସୀର ବ୍ୟସ୍ତ ବହୁଳ ଗଳି ଭିତରେ ଅଛି ଏକ ଡେଥ୍ ହୋଟେଲ୍ । ଯେଉଁଠି ଲୋକମାନେ ଚେକ୍ ଇନ୍ ତ କରନ୍ତି... ହେଲେ କେବେ ଚେକ୍ ଆଉଟ୍ କରିପାରନ୍ତିନି । କାରଣ ଏଠାକୁ ଲୋକମାନେ ମରିବାକୁ ଆସନ୍ତି । ଏହି ବିଲ୍ଡିଂର ନାମ କାଶୀଲାଭ ମୁକ୍ତି ଭବନ । ଏହି ଭବନରେ ମାତ୍ର ୧୨ଟି ରୁମ୍ ଅଛି । ଏହାର ରେଜିଷ୍ଟରରେ ଏବେ ସୁଦ୍ଧା ୧୫ ହଜାରରୁ ଅଧିକ ନାମ ଲେଖା ସରିଛି । ଯେଉଁମାନେ କି ମରିବାକୁ ଆସିଥିଲେ, ଆଉ ମରି ବି ସାରିଛନ୍ତି । ସବୁଠୁ ଆଶ୍ଚର୍ଯ୍ୟର ବିଷୟ ଏଠାରେ ମରିବାକୁ ମାତ୍ର ୧୫ ଦିନ ସମୟ ମିଳେ । ଯଦି ସେତିକି ଦିନ ଭିତରେ ପ୍ରାଣ ନଛାଡ଼େ ତାହେଲେ ମୁକ୍ତି ଭବନ ଛାଡ଼ିବାକୁ ପଡେ । ତେବେ ଏଠି ପ୍ରଶ୍ନ ଉଠୁଛି, ମୃତ୍ୟୁ କଣ ସତରେ ଏମାନଙ୍କ ହାତରେ ଅଛି ? ୧୫ ଦିନରେ ଜଣେ ବ୍ୟକ୍ତି କେମିତି ମରିବ ? କଣ ଏଠି ଲୋକମାନେ ନିଜେ ନିଜକୁ ମାରି ଦିଅନ୍ତି ? ଯଦି ନା ତାହେଲେ କେମିତି ହୁଏ ଡେଥ୍ ପ୍ଲାନ୍... ଆସନ୍ତୁ ଜାଣିବା...

ହିନ୍ଦୁ ପୁରାଣ ମାନ୍ୟତା ଅନୁଯାୟୀ, ଯଦି କୌଣସି ବ୍ୟକ୍ତି କାଶୀରେ ଦେହତ୍ୟାଗ କରେ, ତାଙ୍କୁ ମୋକ୍ଷପ୍ରାପ୍ତି ହୁଏ । ଏଥିପାଇଁ ୧୯୫୮ରେ ଡାଲମିୟା ପରିବାର ବାରଣାସୀରେ କାଶୀଲାଭ ମୁକ୍ତି ଭବନ ତିଆରି କରିଥିଲେ । କେବଳ ଲୋକଙ୍କ ଅନ୍ତିମ ଯାତ୍ରା ପାଇଁ ଏହି ଘର ତିଆରି ହୋଇଥିଲା । ଯଦି କୌଣସି ବ୍ୟକ୍ତିଙ୍କ ଶେଷ ସମୟ ନିକଟତର ହୁଏ, ସେ ଖାଇବା ପିଇବା ଛାଡ଼ି ଦେଇଥାନ୍ତି... ଡାକ୍ତର ବି ତାଙ୍କର ମୃତ୍ୟୁ ନିଶ୍ଚିତ ବୋଲି କହି ସାରିଥାନ୍ତି, ସେହି ବ୍ୟକ୍ତିଙ୍କୁ ଏଠାକୁ ଅଣାଯାଏ । ମୁକ୍ତି ଭବନ ଗେଟ୍ ରେ ମ୍ୟାନେଜର ତାଙ୍କୁ ଯାଞ୍ଚ କରନ୍ତି । ଯଦି ଉକ୍ତ ବ୍ୟକ୍ତି ଚାଲିବୁଲି ପାରୁଛନ୍ତି ଏବଂ ଖାଦ୍ୟ ଖାଉଛନ୍ତି, ତାହେଲେ ତାଙ୍କୁ ଏଣ୍ଟ୍ରି ମିଳେନି । ଯଦି ସେ ଖାଇବା ପିଇବା ଛାଡ଼ି ଦେଇଥାନ୍ତି ତାହେଲେ ତାଙ୍କୁ ଏଣ୍ଟ୍ରି ମିଳିଯାଏ ।

ଏହାପରେ ମୁକ୍ତି ଭବନରେ ଆରମ୍ଭ ହୁଏ ପ୍ରକ୍ରିୟା । ଶେଷ ଯାତ୍ରାକୁ ସହଜ କରିବା ପାଇଁ ଏଠାରେ ନିୟୋଜିତ ଅଛନ୍ତି ୪ ଜଣ ପୂଜାରୀ । ଏମାନେ ମରିବାକୁ ଆସିଥିବା ବ୍ୟକ୍ତିଙ୍କ ପାଖରେ ବସି ଭଜନ ଗାଆନ୍ତି ଏବଂ ତାଙ୍କୁ ଗଙ୍ଗାଜଳ ପାନ କରାନ୍ତି । ଅର୍ଥାତ୍ ଯେଉଁ ରୋଗ ତାଙ୍କର ପୂର୍ବରୁ ଥିଲା, ଏବେବି ସେହି ରୋଗ ତାଙ୍କୁ ଗ୍ରାସି ଚାଲିବ । ବାସ୍ ଫରକ ଏତିକି ଏଠାରେ ତାଙ୍କର ଚିକିତ୍ସା ବନ୍ଦ ହୋଇଯିବ, ମନ୍ତ୍ର ଆରମ୍ଭ ହୋଇଯିବ । ଧୀରେ ଧୀରେ ତାଙ୍କୁ ମୃତ୍ୟୁର ନିକଟତର କରାଯିବ । ଅର୍ଥାତ୍ ଏଠାରେ ମୃତ୍ୟୁ ବଣ୍ଟା ଯାଏନି, କେବଳ ମୃତ୍ୟୁ ପାଇଁ ଅପେକ୍ଷା କରାଯାଏ । ହେଲେ ଆପଣ ଭାବୁଥିବେ ଯଦି ୧୫ ଦିନ ପରେ କୌଣସି ବ୍ୟକ୍ତି ବଞ୍ଚି ଯାଆନ୍ତି ତାହେଲେ କଣ ହେବ ? ଏହାର ଉତ୍ତର ହେଲା ମ୍ୟାନେଜର ନିଜେ ଉକ୍ତ ବ୍ୟକ୍ତିଙ୍କ ପରିବାର ପାଖକୁ ଯାଇ ବିନମ୍ରତାର ସହ ବୁଝାନ୍ତି । ତାଙ୍କୁ ଘରକୁ ନେଇଯିବା ପାଇଁ କୁହନ୍ତି । ଏବଂ ଶେଷ ସମୟ ପାଇଁ ଅପେକ୍ଷା କରିବାକୁ ପରାମର୍ଶ ଦିଅନ୍ତି ।

ବଡ଼ କଥା ହେଲା ଏଠାରେ ମୋକ୍ଷାର୍ଥୀଙ୍କ ଠାରୁ କୌଣସି ଚାର୍ଜ ନିଆଯାଏ ନାହିଁ । କେବଳ ଇଲେକ୍ଟ୍ରିସିଟି ବାବଦକୁ ଅଳ୍ପ କିଛି ଟଙ୍କା ନିଆଯାଏ । ଯଦି ସେତିକି ବି ଦେବାକୁ ଅସମର୍ଥ ତାହେଲେ ସେମାନେ ମାଗନ୍ତି ନାହିଁ । ଖାଲି ସେତିକି ନୁହେଁ ଉକ୍ତ ବ୍ୟକ୍ତିଙ୍କ ସହ ତାଙ୍କ ପରିବାର ଲୋକ ମଧ୍ୟ ରହିପାରିବେ । ଏଠାରେ ନିଜେ ଖାଦ୍ୟ ପ୍ରସ୍ତୁତ କରି ଖାଇବା ଏବଂ ଗାଧୋଇବା ପାଇଁ ସମସ୍ତ ବ୍ୟବସ୍ଥା ଅଛି । ଏଠାକୁ ସବୁ ଧର୍ମର ବ୍ୟକ୍ତି ଆସିପାରିବେ । ଏଥିରେ କୌଣସି କଟକଣା ନାହିଁ । ହେଲେ ଅନ୍ତିମ ସଂସ୍କାର ବେଳେ ନିଜ ଧର୍ମର ବିଧି ଅନୁଯାୟୀ ଶବ ସତ୍କାର କରିବେ ।

ଝିଅ ସହ ଦୀପାବଳି ପାଳିଲେ ପ୍ରିୟଙ୍କା



ବଲିଉଡରୁ ବିଶ୍ୱସ୍ତରୀୟ ଷ୍ଟାରଡମ ହାସଲ କରିଥିବା ପ୍ରିୟଙ୍କା ଚୋପ୍ରା ଏବେ ସାତ ସମୁଦ୍ର ପାର ହୋଇ ଆମେରିକାରେ ରହୁଛନ୍ତି, କିନ୍ତୁ ସେଠାରେ ମଧ୍ୟ ସେ ପ୍ରତ୍ୟେକ ପର୍ବକୁ ମହା ଆଡମ୍ବରରେ ପାଳନ କରନ୍ତି । ପ୍ରିୟଙ୍କା ନିକଟରେ ଲସ୍ ଆଞ୍ଜେଲସ୍ ସ୍ଥିତ ତାଙ୍କ ଘରେ ଏକ ଦିଓ୍ୱାଲି ପାର୍ଟିର ଆୟୋଜନ କରିଥିଲେ । ଯାହାର ଫଟୋ ସେ ଇନଷ୍ଟାଗ୍ରାମରେ ସେୟାର କରିଛନ୍ତି । ଦିଓ୍ୱାଲି ପାର୍ଟିରେ ପ୍ରିୟଙ୍କା ଚୋପ୍ରା ଏକ ସୁନ୍ଦର ଗାଉନ୍ ରେ ନଜର ଆସିଛନ୍ତି । ତାଙ୍କ ସ୍ୱାମୀ ନିକ୍ ଜୋନାସ୍ ମଧ୍ୟ ଦୀପାବଳିର ମଜା ନେଉଥିବାର ଦେଖା ଯାଇଛି । ନିକ୍ ଏକ ଏଥନିକ୍ ହ୍ୱାଇଟ୍ କୁର୍ତ୍ତା ପିନ୍ଧି ଥିବାବେଳେ, ସେମାନଙ୍କ ଝିଅ ମାଳତୀ ମାରି ତାଙ୍କ ବାପାଙ୍କ ସହିତ ଟ୍ୱିନ କରି ଧଳା ଲେହେଙ୍ଗା ପିନ୍ଧିଥିବାର ଦେଖାଯାଇଛି । ଯାହାର ଫଟୋ ଫ୍ୟାନ୍ସଙ୍କୁ ପସନ୍ଦ ଆସିଛି । ପ୍ରିୟଙ୍କା ତାଙ୍କ ଲୁକ୍ କୁ ଅଧିକ ଗର୍ଜିୟସ୍ କରିବା ପାଇଁ ତାଙ୍କ କେଶରେ ଗଜରା ମଧ୍ୟ ପିନ୍ଧିଥିଲେ । ଦୀପାବଳି ପାର୍ଟିରେ ପ୍ରିୟଙ୍କା ଅତ୍ୟନ୍ତ ଖୁସି ଏବଂ ଏକ୍ସାଇଟେଡ୍ ଦେଖାଯାଉଥିଲେ । ସେ ପରିବାର ଏବଂ ବନ୍ଧୁମାନଙ୍କ ସହିତ ବହୁତ ମଜା କରିଥିଲେ । ପୋଷ୍ଟ ସେୟାର କରି ପ୍ରିୟଙ୍କା ଲେଖିଛନ୍ତି, 'ଏହି ଦୀପାବଳିର ମୋର କିଛି ପ୍ରିୟ ଫଟୋ । ଆପଣମାନଙ୍କୁ ସମସ୍ତଙ୍କୁ ଦୀପାବଳିର ଶୁଭେଚ୍ଛା ।' ପ୍ରିୟଙ୍କାଙ୍କ ସ୍ୱାମୀ ନିକ୍ ମଧ୍ୟ ତାଙ୍କ ପୋଷ୍ଟରେ ପ୍ରତିକ୍ରିୟା ଦେଇଛନ୍ତି । କିଛି ମିନିଟ୍ ମଧ୍ୟରେ, ପ୍ରିୟଙ୍କାଙ୍କ ଦୀପାବଳି ପୋଷ୍ଟକୁ ଲକ୍ଷ ଲକ୍ଷ ଲାଇକ୍ ମିଳିଛି । ପ୍ରିୟଙ୍କା ବର୍ତ୍ତମାନ ଏସଏସ ରାଜାମୌଲିଙ୍କ ନିର୍ଦ୍ଦେଶିତ ଫିଲ୍ମ 'ବାରାଣସୀ'ରେ କାମ କରୁଛନ୍ତି । ତେଲୁଗୁ ଷ୍ଟାର ମହେଶ ବାବୁ ଏଥିରେ ମୁଖ୍ୟ ଭୂମିକାରେ ନଜର ଆସିବେ । ଏହି ଫିଲ୍ମଟି ଆସନ୍ତା ବର୍ଷ ମୁକ୍ତିଲାଭ କରିବାର ଯୋଜନା ରହିଛି ।

ବଲିଉଡ୍‌ର ଚର୍ଚ୍ଚିତ ଷ୍ଟାର୍ କପଲ୍ କ୍ୟାଟ୍ରିନା କୈଫ୍ ଏବଂ ଭିକି କୌଶଲ ଦୀପାବଳି ଅବସରରେ ନିଜ ପ୍ରଶଂସକଙ୍କୁ ଦେଇଛନ୍ତି ଏକ ବଡ଼ ସରପ୍ରାଇଜ୍ । ଦୀର୍ଘ ଦିନ ଧରି ପୁଅର ମୁହଁ ଦେଖାଇ ନଥିବା ଏହି ଦମ୍ପତି ପ୍ରଥମ ଥର ପାଇଁ ଫ୍ୟାନ୍ସଙ୍କ ସହ ନିଜ ପୁଅ ବିହାନଙ୍କ ଫଟୋ ସେୟାର କରିଛନ୍ତି । ପରିବାରର ଏହି ସୁନ୍ଦର ଫଟୋ ସାମ୍ନାକୁ ଆସିବା ପରେ ବିହାନଙ୍କ କ୍ୟୁଟ୍ ଲୁକ୍‌କୁ ନେଇ ସୋସିଆଲ ମିଡିଆରେ ଚର୍ଚ୍ଚା ଜୋର ଧରିଛି । କ୍ୟାଟ୍ରିନା କୈଫ୍ ଏବଂ ଭିକି କୌଶଲ ସେମସ୍ପେରରେ ନିଜ ପ୍ରେଗ୍ନାନ୍ସି ବିଷୟରେ ଘୋଷଣା କରିଥିଲେ । ଏହାପରେ ୨୦୨୫ ନଭେମ୍ବର ୭ ତାରିଖରେ ପୁଅ ଜନ୍ମ ହୋଇଥିବା ଖବର ଦେଇଥିଲେ । ପୁଅ ଜନ୍ମର ପ୍ରାୟ ଦୁଇ ମାସ ପରେ, ଜାନୁଆରୀ ୭ ତାରିଖରେ ତା'ର ନାମ ବିହାନ [redacted] ଜ ବର୍ଷ ପରେ ଦୀପାବଳି ଅବସରରେ ଏହି ଷ୍ଟାର୍ କପଲ୍ ପରିବାରର ଏକ ସୁନ୍ଦର ଫଟୋ ସେୟା [redacted] ଦେଖାଇଛନ୍ତି । ଫଟୋଟି ସାମ୍ନାକୁ ଆସିବା ପରେ ପ୍ରଶଂସକଙ୍କ କମେଣ୍ଟରେ ଭରିଯାଇଛି ସୋସିଆଲ ମି [redacted] ଜ୍ୟାଟ୍ରିନା ହଳଦିଆ ରଙ୍ଗର ସୁଟ୍ ପିନ୍ଧିଥିବା ବେଳେ ଭିକି ଧଳା କୁର୍ତ୍ତା-ପାଇଜାମାରେ ନଜର ଆସିଛନ୍ତି । [redacted] ଇଜାମା ସହ ହଳଦିଆ ଜ୍ୟାକେଟ୍ ପିନ୍ଧିଛନ୍ତି । ଫଟୋରେ ବିହାନଙ୍କ ହସହସ ମୁହଁ ସମସ୍ତଙ୍କ ମନ ଜିଣି ନେଇଛି [redacted] ଶୀତଲ ଠାକୁର, ଶିବାନୀ ଦାଣ୍ଡେକର, ମଲାଇକା ଆରୋରା ଏବଂ ଚିତ୍ରାଙ୍ଗଦା ସିଂଙ୍କ ସମେତ ଅନେକ ସେଲିବ୍ରିଟି [redacted] ଛନ୍ତି । ଅନ୍ୟପଟେ କିଛି ପ୍ରଶଂସକ ବିହାନଙ୍କୁ ମା' କ୍ୟାଟ୍ରିନାଙ୍କ ଭଳି ଦେଖାଯାଉଥିବା କହିଥିବା ବେଳେ ଆଉ କିଛି [redacted] ଭଳିକ ଦେଖିଛନ୍ତି ।





ଅଭିଷେକ-ଐଶ୍ୱରିୟାଙ୍କୁ ଦେଖି ଫ୍ୟାନ୍ସ ଫିଦା

ଘର ଖୋଜୁଛନ୍ତି ଅମୀର

ବଲିଉଡ୍‌ର ମିଷ୍ଟର ପରଫେକ୍ସନିଷ୍ଟ ମିର ଖାନ ପୁଣି ଚର୍ଚ୍ଚାରେ । ପ୍ରଥମ ଦୁଇଟି ବିବାହରେ ବିଚ୍ଛେଦ ପରେ ଅଭିନେତା ନିଜ ଜୀବନର ତୃତୀୟ ଅଧ୍ୟାୟ ଆରମ୍ଭ କରିଛନ୍ତି । ପ୍ରେମିକା ଗୌରୀ ସ୍ପ୍ରାଟଙ୍କ ସହ ରେଜିଷ୍ଟ୍ରି ମ୍ୟାରେଜ କରିବା ପରେ ଦୁହେଁ ନୂଆ ଜୀବନ ଆରମ୍ଭ କରିଛନ୍ତି । ହେଲେ ବିବାହକୁ ଚାରି ମାସ ମଧ୍ୟ ପୂରିବା ପୂର୍ବରୁ ଏହି ଦମ୍ପତିଙ୍କୁ ନିଜ ରହୁଥିବା ଘର ଛାଡ଼ିବାକୁ ପଡିଛି । ଏବେ ସେମାନେ ମୁମ୍ବାଇରେ ନୂଆ ଘର ଖୋଜୁଛନ୍ତି । ଅମୀର ଖାନ ଓ ଗୌରୀ ବର୍ତ୍ତମାନ ମୁମ୍ବାଇର ପାଲି ହିଲ ଅଞ୍ଚଳର ଏକ ବିଲ୍ଡିଂରେ ଥିବା ଚାରିଟି ଭଡ଼ା ଫ୍ଲାଟ୍‌ରେ ରହୁଛନ୍ତି । ଏହି ବିଲ୍ଡିଂର ପୁନଃବିକାଶ ବା ରିଡେଭଲପମେଣ୍ଟ ହେବାକୁ ଯାଉଥିବାରୁ ଦମ୍ପତିଙ୍କୁ ଘର ବଦଳାଇବାକୁ ପଡ଼ିଛି । ତେଣୁ ସେମାନେ ମୁମ୍ବାଇର ଅନ୍ୟ ଏକ ଅଞ୍ଚଳରେ ନୂଆ ଭଡ଼ା ଘର ଖୋଜୁଥିବା ଜଣାପଡ଼ିଛି । ପ୍ରାୟ ଦେଢ଼ ବର୍ଷ ପୂର୍ବେ ଆମିର ଖାନ ୟୁନିଅନ ପାର୍କସ୍ଥିତ ନିଜ ପୁରୁଣା ଘର ଛାଡ଼ିଥିଲେ । ସେହି ସମ୍ପତ୍ତିର ମଧ୍ୟ ପୁନଃବିକାଶ ହେବାକୁ ଥିବାରୁ ସେ ପାଲି ହିଲ୍‌ର ନର୍ଗିସ ଦତ୍ତ ରୋଡ୍ ସ୍ଥିତ ଏକ ବିଲ୍ଡିଂରେ ଭଡ଼ାରେ ରହିବା ଆରମ୍ଭ କରିଥିଲେ । ୫ ଜୁଲାଇ ୨୦୨୬ରେ ଏହି ଘରେ ହିଁ ଏକ ଘରୋଇ ସମାରୋହରେ ଅମିର ଓ ଗୌରୀ ବିବାହ କରିଥିଲେ । ଏଥିରେ କେବଳ ପରିବାର ସଦସ୍ୟ ଓ କିଛି ଘନିଷ୍ଠ ବ୍ୟକ୍ତି ସାମିଲ ହୋଇଥିଲେ । ଏବେ ଏହି ବିଲ୍ଡିଂର ରିଡେଭଲପମେଣ୍ଟ ପ୍ରକ୍ରିୟା ଆଗକୁ ବଢୁଥିବାରୁ ସେମାନଙ୍କୁ ପୁଣିଥରେ ଘର ବଦଳାଇବାକୁ ପଡୁଛି । ଅମୀର ଓ ଗୌରୀ ଚଳିତ ବର୍ଷ ଶେଷ ସୁଦ୍ଧା କିମ୍ବା ୨୦୨୭ ଆରମ୍ଭରେ ନୂଆ ଘରକୁ ସ୍ଥାନାନ୍ତର ହୋଇପାରନ୍ତି ।



ଦହି-ଆମ୍ବୁଲ ରାଇ

କାର୍ତ୍ତିକ ମାସରେ ଲୋକ ସାତ୍ତ୍ୱିକ ନିରାମିଷ ଖାଦ୍ୟ ଗ୍ରହଣ କରିବାକୁ ପସନ୍ଦ କରିଥାନ୍ତି । ନିରାମିଷ ଖାଦ୍ୟରେ ଖଟା ହେଉଛି ପ୍ରଧାନ । ଅରୁଆ ଡାଲମା ସାଙ୍ଗକୁ ଯଦି କୌଣସି ପ୍ରକାରର ଖଟା ଖାଦ୍ୟ ଟିକେ ହୋଇଗଲା, ତେବେ ଖାଇବାର ମଜା ଆସିଯାଏ । ସେଥିପାଇଁ ଆସନ୍ତୁ ଜାଣିବା ଏକ ଖଟା ରେସିପି 'ଦହି ଆମ୍ବୁଲ ରାଇ' ।

ଆବଶ୍ୟକୀୟ ସାମଗ୍ରୀ : ଦହି, ଆମ୍ବୁଲ, ଶୋରିଷ, କଞ୍ଚା ଲଙ୍କା, ଶୁଖିଲା ଲଙ୍କା, ଅଦା, ଶୋରିଷ ତେଲ, ପଞ୍ଚଫୁଟଣ, ନଡ଼ିଆ, ଆମ୍ବକଷିଆ ଅଦା, ଭୁଷଙ୍ଗପତ୍ର, ହେଙ୍ଗୁ, ଜିରାଲଙ୍କା ଗୁଣ୍ଡ, ଧନିଆପତ୍ର, ଲୁଣ, ଚିନି, ପାଣି ।

ପ୍ରସ୍ତୁତି ପ୍ରଣାଳୀ : ଦହି ଆମ୍ବୁଲ ବନାଇବା ପାଇଁ ପ୍ରଥମେ ଆମ୍ବୁଲକୁ ଏକ ପାତ୍ରରେ ହାଲ୍‌କା ଉଷୁମ ପାଣିରେ ଅଧଘଣ୍ଟା ଭିଜାଇ ଦେବା । ବେସର ପାଇଁ ନେବା ଦେଢ଼ ଚାମଚ୍ ଶୋରିଷ, ଗୋଟିଏ କଞ୍ଚାଲଙ୍କା, ଛୋଟ ଖଣ୍ଡ ଅଦା, ଅଳ୍ପ ଟିକେ ନଡ଼ିଆ କୋରା । ଏସବୁକୁ ମିଶାଇ ବାଟିକି ରଖିଦେବା । ତା'ପରେ ଦୁଇ କପ୍ ଦହିରେ ବେସରକୁ ମିଶାଇବା । ସେଥିରେ ସ୍ୱାଦ ଅନୁଯାୟୀ ଚିନି, ଲୁଣ, ଆମ୍ବକଷିଆ ଅଦା କୋରା, ଧନିଆ ପତ୍ର, ଜିରାଲଙ୍କା ଗୁଣ୍ଡ ଓ ସାମାନ୍ୟ ପାଣି ମିଶାଇ ଗୋଳାଇ ରଖିବା । ବତୁରା ଯାଇଥିବା ଆମ୍ବୁଲକୁ ପାଣିରୁ ଛାଣି ଏହି ମିଶ୍ରଣରେ ମିଶାଇବା । ସବୁ କିଛି ମିଶାଇ ସାରିବା ପରେ ଛୁଙ୍କ ଦେବା ପାଇଁ କଡ଼େଇରେ ଟିକେ ରିଫାଇନ୍ ତେଲ ନେବା । ତେଲ ତାତିବା ପରେ ସେଥିରେ ୨ଟି ଶୁଖିଲା ଲଙ୍କା ପକାଇବା । ତା'ପରେ ସେଥିରେ ପଞ୍ଚଫୁଟଣ ପକାଇବା । ଫୁଟଣ ଭଲଭାବେ ଭାଜି ହେବା ପରେ ସାମାନ୍ୟ ଅଦା ଘୋରି ଦେଇ ହେଙ୍ଗୁ ଟିକେ ପକାଇବା ଓ ଶେଷରେ ପକାଇବା ଭୁଷଙ୍ଗ ପତ୍ର ।

ଉତ୍କଳ ସମାଗୁରୁ

ସମ୍ପାଦକୀୟ...

ବୁଧବାର ୧୧ ନଭେମ୍ବର ୨୦୨୭

କ୍ଷମତା ଓ ପଦବୀ

କ୍ଷମତାର ଚୌକିରେ ବସିଥିବା ମଣିଷଟି ଯେତେବେଳେ ଚାରିପାଖକୁ ଚାହେଁ, ତାକୁ ଲାଗେ ସାରା ଦୁନିଆ ତାହାର ଚାରିପଟେ ଘୁରୁଛି । ତାଙ୍କ ଗୋଟିଏ ଇଙ୍ଗିତରେ ଫାଇଲ ଗତି କରେ, ଗୋଟିଏ ଫୋନରେ ଅତଢ଼ିଆଡ଼ି କାମ ହୋଇଯାଏ, ଗୋଟିଏ ନିର୍ଦ୍ଦେଶରେ ଅଧିକାରୀଙ୍କ ମଧ୍ୟରେ ଚଞ୍ଚଳତା ଦେଖାଦିଏ । ତାଙ୍କ ଆଗମନରେ ଲୋକେ ଉଠି ଛିଡା ହୁଅନ୍ତି, ତାଙ୍କ ପାଇଁ ଦ୍ୱାର ଖୋଲିଯାଏ, ସ୍ୱାଗତରେ ଘୁଇଁତୋଡା ଆସେ, ପ୍ରଶଂସାରେ ସଭାଗୃହ ଜମ୍ପିଉଠେ । ତାଙ୍କ ଜନ୍ମଦିନରେ ଶୁଭେଚ୍ଛାର ସୁଅ ଛୁଟେ, ପ୍ରତ୍ୟେକ ସାମାଜିକ ଉତ୍ସବରେ ତାଙ୍କୁ ମୁଖ୍ୟ ଅତିଥି କରିବାକୁ ପ୍ରତିଯୋଗିତା ଲାଗେ । କିନ୍ତୁ ଏହି ଚିତ୍ରର ଆଉ ଗୋଟିଏ ନିର୍ମମ ଦିଗ ରହିଛି, ଯାହା ମଣିଷ ଜୀବନର ସବୁଠାରୁ ବଡ ବାସ୍ତବତାକୁ ସାମ୍ନାକୁ ଆଣେ । ଯେଉଁଦିନ ଅବସର ଘୋଷଣା ହୁଏ, ଯେଉଁଦିନ କ୍ଷମତାର ଚୌକି ଛାଡିବାକୁ ପଡେ, ଯେଉଁଦିନ ଦରଜାରୀ ଗାଡି, କର୍ମଚାରୀ, ସୁରକ୍ଷାକର୍ମୀ ଓ ନିର୍ଦ୍ଦେଶ ଦେବାର ଅଧିକାର ହାତରୁ ଚାଲିଯାଏ, ସେହିଦିନଠାରୁ ଦୁନିଆର ବ୍ୟବହାର ଧୀରେ ଧୀରେ ବଦଳିବା ଆରମ୍ଭ ହୁଏ । ଅବସରର ପରଦିନ ଯେଉଁ ଫୋନକୁ ଶୁଭେଚ୍ଛା ଓ ସମ୍ମାନର ବାର୍ତ୍ତାରେ ଭରିଦେଉଥିଲେ, ସେହି ଫୋନ୍ ନିରବ ହୋଇଯାଏ । ଯେଉଁମାନେ ବିନା ସାଙ୍କାଚ ପାଇଁ ଫାଟା ଫାଟା ଅପେକ୍ଷା କରୁଥିଲେ, ସେମାନେ ଆଉ ସମୟ ଦେଇପାରନ୍ତି ନାହିଁ । ଯେଉଁମାନେ ପ୍ରତ୍ୟେକ କଥାରେ ସଜ୍ଜତି ଜଣାଉଥିଲେ, ସେମାନେ ହଠାତ୍ ବ୍ୟସ୍ତ ହୋଇଯାଆନ୍ତି । ଯେଉଁମାନେ ଆପଣଙ୍କୁ ନିଜର ପରମ ଅମ୍ରୀୟ ବୋଲି କହୁଥିଲେ, ସେମାନେ ନୂଆ କ୍ଷମତା କେନ୍ଦ୍ର ଆଡକୁ ମୁହଁ ଫେରାଇ ନିଅନ୍ତି । ଏପରିକି ବିନେ ଆପଣଙ୍କ ଚାରିପାଖର ଘୁଞ୍ଚୁଥିବା ଲୋକଙ୍କ ମଧ୍ୟରୁ ଅନେକ ଆପଣଙ୍କୁ ଚିହ୍ନିବାକୁ ମଧ୍ୟ ଅନିଚ୍ଛା ପ୍ରକାଶ କରନ୍ତି । ଏହା କେବଳ ଜଣେ ସରକାରୀ ଅଧିକାରୀଙ୍କ ଅବସରର ଜାହାଣୀ ନୁହେଁ, ଏହା ମନ୍ତ୍ରୀ, ରାଜନେତା, ଜନପ୍ରତିନିଧି, ଉଚ୍ଚପଦସ୍ଥ କର୍ମଚାରୀ, ପୁଲିସ ଅଧିକାରୀ, ପ୍ରଶାସକ, ସଂଗଠନର ମୁଖ୍ୟ ଏବଂ ବିଭିନ୍ନ କ୍ଷମତାଶାଳୀ ପଦବୀରେ ଥିବା ଲୋକଙ୍କ ଜୀବନର ଏକ ଚିରନ୍ତନ ବାସ୍ତବତା । ପଦବୀ ଥିବାବେଳେ ଯେଉଁ ସମ୍ମାନ ମିଳେ, ତାହା ସବୁବେଳେ ବ୍ୟକ୍ତିର ଗୁଣ, ଜ୍ଞାନ, ଅନୁଭବ ଓ ଚରିତ୍ର ପାଇଁ ମିଳିନଥାଏ । ଅନେକ ସମୟରେ ସେହି ସମ୍ମାନ ପଛରେ ଥାଏ କ୍ଷମତାର ଭୟ, ସ୍ୱାର୍ଥର ଆକର୍ଷଣ, କାମ ହାସଲ କରିବାର ଆଶା ଏବଂ ଭବିଷ୍ୟତରେ ସୁବିଧା ପାଇବାର ହିସାବ । ଏହି ଜାରଣତ୍ୱ ପଦବୀରେ ଥିବାବେଳେ ନିଜ ଚାରିପାଖର ଭିଡକୁ ଦେଖି ନିଜର ଲୋକପ୍ରିୟତା ମାପିବା ସବୁଠାରୁ ବଡ ଭୁଲ । କାରଣ ସେହି ଭିଡ ଭିତରେ ଯେତେଜଣ ଆପଣଙ୍କୁ ଭଲ ପାଆନ୍ତି ଏବଂ ଯେତେଜଣ ଆପଣଙ୍କ ପଦବୀକୁ ଭଲ ପାଆନ୍ତି, ତାହା ବୁଝିବାର କ୍ଷମତା ସମସ୍ତଙ୍କର ନଥାଏ । ଏଠାରେ ଏକ ଗୁରୁତ୍ୱର ପ୍ରଶ୍ନ ଉଠେ, ଯଦି ଜଣେ ମଣିଷର ସମ୍ମାନ କେବଳ ତାଙ୍କ ପଦବୀ ଉପରେ ନିର୍ଭର କରେ, ତେବେ ସେହି ସମ୍ମାନର ପ୍ରକୃତ ମୂଲ୍ୟ କେତେ ? ମଣିଷର ପରିଚୟ କ'ଣ ତାଙ୍କ ନାମ, ଚରିତ୍ର ଓ କର୍ମରେ ରହିବ ନା ତାଙ୍କ ଆଗରେ ଲାଗିଥିବା ପଦବୀର ଉପାଧିରେ ସୀମିତ ରହିବ ? ଏହି ପ୍ରଶ୍ନ ପ୍ରତ୍ୟେକ କ୍ଷମତାଶାଳୀ ବ୍ୟକ୍ତି ନିଜକୁ ପଚାରିବା ଉଚିତ । ରାଜନୀତିରେ ଏହି ବାସ୍ତବତା ଆହୁରି ସ୍ପଷ୍ଟ ଭାବେ ଦେଖାଯାଏ । ଯେଉଁ ଦେଶ କ୍ଷମତାରେ ଆସିଛି, ତାଙ୍କ ଘର ଆଗରେ ବଢୁଥାଏ ଭିଆଇପି ଜର୍ମା, ସମର୍ଥକ, ଆଶାୟୀ ଓ ସୁବିଧା ଅନ୍ୱେଷଣକାରୀଙ୍କ ଭିଡ ଲାଗିଥାଏ । ପ୍ରତ୍ୟେକ ତାଙ୍କ ସହ ଫଟୋ ଉଠାଇବାକୁ, ତାଙ୍କ ସହ ମଂଚରେ ବସିବାକୁ ଏବଂ ତାଙ୍କ ନିକଟତର ବୋଲି ପ୍ରମାଣ କରିବାକୁ ଆଗ୍ରହୀ ଥାଆନ୍ତି । କିନ୍ତୁ ନିର୍ବାଚନରେ ପରାଜୟ ଜିଣା କ୍ଷମତା ପରିବର୍ତ୍ତନ ପରେ ସେହି ଭିଡ ଅନ୍ୟ ଦ୍ୱାର ଖୋଜିବା ଆରମ୍ଭ କରେ । ବିନେ ଯିଏ ଶାସନର ନିଷ୍ପତି ଦେଇଥିଲେ, ସେ ଆଜି ନିଜର ସାଧାରଣ କଥା ଶୁଣାଇବା ପାଇଁ ମଧ୍ୟ ଲୋକଙ୍କ ସମୟ ଅପେକ୍ଷା କରନ୍ତି । ଏହା ଗଣତନ୍ତ୍ରର ଏକ ସ୍ୱାଭାବିକ ପରିବର୍ତ୍ତନ ହୋଇପାରେ, କାରଣ କ୍ଷମତା ସ୍ଥାୟୀ ନୁହେଁ ଏବଂ ଜନତା ହିଁ ଶାସନର ଆଧାର । କିନ୍ତୁ କ୍ଷମତା ଚାଲିଯିବା ପରେ ମଣିଷର ମର୍ଯ୍ୟାଦାକୁ ଅସ୍ୱୀକାର କରିବା, ପୂର୍ବତନ ଜନପ୍ରତିନିଧିଙ୍କ ଅଭିଜ୍ଞତାକୁ ଅବହେଳା କରିବା ଏବଂ ସମ୍ପର୍କକୁ ସ୍ୱାର୍ଥ, ଅନୁପାତରେ ବଦଳାଇବାକୁ ଏକ ସାମାଜିକ ଦୁର୍ବଳତା । ଗଣତନ୍ତ୍ରରେ କ୍ଷମତା ବଦଳିବ, ନେତୃତ୍ୱ ବଦଳିବ, ବଦଳିବ, କିନ୍ତୁ ମାନବୀୟ ସମ୍ମାନ ଓ ସୌଜନ୍ୟ କେବେ ବଦଳିବା ଉଚିତ ନୁହେଁ । ସରକାର ଚାଲିଯିବୁ ଅବସର ନେଇଥିବା ଅଧିକାରୀଙ୍କ ଜୀବନରେ ମଧ୍ୟ ଏହି ପରିବର୍ତ୍ତନ ଏକ ଗଭୀର ମାନସିକ ଆହ୍ୱାନ ସୃଷ୍ଟି କରେ । ତିରିଶି କିମ୍ବା ପଇଁତିରିଶି ବର୍ଷ ଧରି ଯେଉଁ ବ୍ୟକ୍ତି ପ୍ରଶାସନିକ ନିଷ୍ପତି ନେଇଛନ୍ତି, ଯାହାଙ୍କ ଅଧୀନରେ ଅନେକ କର୍ମଚାରୀ କାମ କରିଛନ୍ତି, ଯାହାଙ୍କ ନିକଟକୁ ପ୍ରତିଦିନ ଲୋକେ ସମସ୍ୟା ନେଇ ଆସିଛନ୍ତି, ଅବସର ପରେ ସେ ହଠାତ୍ ଏକ ନୂଆ ଦୈନନ୍ଦିନ ଜୀବନକୁ ସାମ୍ନା କରନ୍ତି । ଆଉ ସକାଳେ କାର୍ଯ୍ୟାଳୟ ଯିବାର ତତ୍ପରତା ନାହିଁ, ଆଉ ଅଧିକାରୀଙ୍କ ଫୋନ୍ ଆସିବାର ଚାପ ନାହିଁ, ଆଉ ଦିନର ପାଳନ କରିବାକୁ ଅପେକ୍ଷା କରିଥିବା କର୍ମଚାରୀଙ୍କ ଧାଡି ନାହିଁ । ଏହି ପରିବର୍ତ୍ତନକୁ ଗ୍ରହଣ କରିବା ସହଜ ନୁହେଁ । ବିଶେଷକରି ଯେଉଁମାନେ ନିଜର ସମସ୍ତ ପରିଚୟକୁ ପଦବୀ ସହିତ ଯୋଡି ଦେଇଥାଆନ୍ତି, ସେମାନଙ୍କ ପାଇଁ ଅବସର ଏକ ମାନସିକ ଶୂନ୍ୟତା ସୃଷ୍ଟି କରିପାରେ । ଏହି ଶୂନ୍ୟତାକୁ ପୂରଣ କରିବାର ଏକମାତ୍ର ଉପାୟ ହେଉଛି ପଦବୀ ଥିବାବେଳେ ନିଜର ଚରିତ୍ର, ସମ୍ପର୍କ ଓ ସାମାଜିକ ଅବଦାନକୁ ସୁଦୃଢ଼ କରିବା । ଅବସର ପରେ ମଧ୍ୟ ଜଣେ ମଣିଷ ନିଜ ଅଭିଜ୍ଞତା ଓ ଜ୍ଞାନ ଦ୍ୱାରା ସମାଜକୁ ଅନେକ କିଛି ଦେଇପାରିବେ । କିନ୍ତୁ ସେଥିପାଇଁ ତାଙ୍କର ପରିଚୟ କେବଳ ଅତୀତର ପଦବୀରେ ଅଟକି ରହିବା ଉଚିତ ନୁହେଁ । ଆଜିର ସମାଜରେ ଆଉ ଏକ ବିଡମ୍ବନା ହେଉଛି, ଚେତେଇ ଲୋକ ପଦବୀରେ ଥିବାବେଳେ ଅନ୍ୟମାନଙ୍କୁ ମଣିଷ ଭାବେ ନୁହେଁ, ନିଜ ଅଧୀନସ୍থ କର୍ମଚାରୀ କିମ୍ବା ଅନୁଗତ ଭାବରେ ଦେଖନ୍ତି । ସେମାନେ ଭାବନ୍ତି, ନିଜର ଆଦେଶ ହିଁ ଶେଷ କଥା । ଅଧିସ୍ତନଙ୍କ ସ୍ୱାଭିମାନକୁ ଆଘାତ କରନ୍ତି, ସାଧାରଣ ଲୋକଙ୍କ ସମସ୍ୟାକୁ ଅବହେଳା କରନ୍ତି ଏବଂ ନିଜ ଚାରିପାଖରେ ପ୍ରଶଂସକଙ୍କ ଏକ କୃତ୍ରିମ ବଳୟ ସୃଷ୍ଟି କରନ୍ତି । ସେମାନେ ଭୁଲିଯାଆନ୍ତି ଯେ ଆଜି ଯିଏ ଅଧୀନସ୍থ, କାଲି ସେ ନିଜେ ଉଚ ପଦବୀରେ ପହଂଚିପାରେ, ଆଜି ଯିଏ ନିର୍ଦ୍ଦେଶକ ଦେଉଛି କାଲି ସେ ନିଜେ ଅନ୍ୟର ନିର୍ଦ୍ଦେଶ ଅପେକ୍ଷା କରିପାରେ । ସମୟର ଚକ୍ର କାହା ପାଇଁ ଅଟକି ରହେନାହିଁ । ତେଣୁ ପଦବୀ ମିଳିବା ମାତ୍ରେ ଅହଂକାରୀ ହେବା ନୁହେଁ, ବରଂ ଅଧିକ ନମ୍ର, ଦାୟିତ୍ୱବାନ ଓ ମାନବିକ ହେବା ଆବଶ୍ୟକ । ଜଣେ ଅଧିକାରୀଙ୍କ ପ୍ରକୃତ ମହାନତା ତାଙ୍କ କାର୍ଯ୍ୟାଳୟର ବିଶାଳତା, ଗାଡିର ଆଡମ୍ବର କିମ୍ବା ସୁରକ୍ଷାକର୍ମୀଙ୍କ ସଂଖ୍ୟାରେ ନୁହେଁ, ବରଂ ତାଙ୍କ ଦ୍ୱାରା କେତେ ଲୋକଙ୍କ ଜୀବନରେ ସକାରାତ୍ମକ ପରିବର୍ତ୍ତନ ଆସିଛି, ତାହାରେ ନିହିତ ।

ଶହେ ବର୍ଷରେ ଭାରତରତ୍ନ ଲାଲକୃଷ୍ଣ ଆଡଭାଣୀ !

ନରେନ୍ଦ୍ର ମୋଦୀ, ପ୍ରଧାନମନ୍ତ୍ରୀ

ଲାଲକୃଷ୍ଣ ଆଡଭାଣୀ ଜୀ ନିଜ ଜୀବନର ଶହେତମ ବର୍ଷରେ ପଦାର୍ପଣ କରୁଛନ୍ତି । ଚଳିତ ବର୍ଷ ତାଙ୍କ ଜନ୍ମଦିନ ଦୀପାବଳି ସହିତ ଏକ ସୁନ୍ଦର ସଂଯୋଗ ସୃଷ୍ଟି କରିଛି । ଏହି ପର୍ବ ପ୍ରଭୁ ଶ୍ରୀ ରାମ ଏବଂ ଦୀପ ସହ ଜଡ଼ିତ । ଏଥିସହିତ ବର୍ଦ୍ଧମାନ ଆମେ ଜନସଂଘ ପ୍ରତିଷ୍ଠାର ୭୫ ବର୍ଷ, ଡକ୍ଟର ଶ୍ୟାମା ପ୍ରସାଦ ମୁଖାର୍ଜୀଙ୍କ ୧୨୫ତମ ଜୟନ୍ତୀ ସହ ନିଜତରେ ଆରଏସ୍‌ଏସ୍‌ର ଶତବାର୍ଷିକୀ ସମାରୋହ ପାଳନ କରିଛୁ । ଏପରି ବ୍ୟକ୍ତି ବହୁତ କମ୍ ଅଛନ୍ତି, ଯେଉଁମାନଙ୍କ ଜୀବନ ଆଧୁନିକ ଭାରତର ଅନେକ ଭିନ୍ନ ଭିନ୍ନ ଅଧ୍ୟାୟ ସହ ଜଡ଼ିତ ରହିଛି । ଆଡଭାଣୀ ଜୀ ୧୯୨୭ ମସିହା ନଭେମ୍ବର ୮ ତାରିଖରେ, ଅର୍ଥାତ୍ 'ଦେବ ଦୀପାବଳି' ଦିନ ଜନ୍ମଗ୍ରହଣ କରିଥିଲେ । ୧୯୪୭ ମସିହାରେ, ଯୁବାବସ୍ଥାରେ ଥିବା ସମୟରେ, ତାଙ୍କୁ ସିନ୍ଧୁ ପ୍ରଦେଶରେ ଥିବା ନିଜର ପରିବେଶ ତୁନିଆକୁ ପଛରେ ଛାଡ଼ି ଆସିବାର ଯନ୍ତ୍ରଣା ସହିବାକୁ ପଡ଼ିଥିଲା । ସେ ଭୌଗଳି ପ୍ରକାରର ଜ୍ୱାଭାଲ ଜିମ୍ବା ଡିଷ୍ଡଡାର ନଈ, ପୁନର୍ବାର ଶୂନ୍ୟରୁ ନିଜ ଜୀବନ ଗଢ଼ି ତୋଳିଲେ । ସମସ୍ତ ପ୍ରତିକୂଳ ପରିସ୍ଥିତି ସତ୍ତ୍ୱେ ଶୂନ୍ୟରୁ ନିଜକୁ ଗଢ଼ି ତୋଳିବାର ଏହି ଗୁଣ ଜୀବନସାରା ତାଙ୍କ ସହ ରହିଆସିଛି । ଜନସଂଘକୁ ସୁଦୃଢ଼ କରିବା ଏବଂ ପରବର୍ତ୍ତୀ ସମୟରେ ବିଜେପି ଗଠନ କରିବା ସମୟରେ ଏହା ଦେଖିବାକୁ ମିଳିଥିଲା । ତାଙ୍କର ବିଜେପି ଅଧକ୍ଷ କାର୍ଯ୍ୟକାଳ ମଧ୍ୟରେ, ୧୯୮୯ ମସିହାରେ କଂଗ୍ରେସର ସ୍ଥିତି ୪୦୦ ଆସନରୁ ଖସି ୨୦୦ରୁ କମ୍ ଚାଲିଆସିଥିଲା ଏବଂ ୧୯୯୬ ମସିହାରେ ବିଜେପି ପ୍ରଥମ ଥର ପାଇଁ ସବୁଠାରୁ ବଡ଼ ଦଳ ଭାବେ ଉଭା ହୋଇଥିଲା । ଆଡଭାଣୀ ଜୀ ଏକାଧିକ ପିଢ଼ିର କାର୍ଯ୍ୟକର୍ତ୍ତାମାନଙ୍କୁ ପ୍ରସ୍ତୁତ କରିଥିଲେ ଏବଂ ଦଳକୁ 'ରାଷ୍ଟ୍ର ପ୍ରଥମ' ନୀତି ଉପରେ ଆଧାରିତ ଏକ ସୁଦୃଢ଼ ଭିତ୍ତିଭୂମି ପ୍ରଦାନ କରିଥିଲେ । ଦୁଇଟି ଗୁଣ ଆଡଭାଣୀ ଜୀଙ୍କୁ ଜଣେ ନେତା ଭାବରେ ସର୍ବଦା ଅନ୍ୟମାନଙ୍କଠାରୁ ଭିନ୍ନ କରି ରଖିଛି । ପ୍ରଥମଟି ହେଉଛି, ତାଙ୍କର ଆଦର୍ଶଗତ ସ୍ପଷ୍ଟତା ଏବଂ ବୌଦ୍ଧିକ ବିତଣ୍ଡାତା । ଏହା ତାଙ୍କର ଭାଷଣ ଓ ଲେଖାରେ ପ୍ରତିଫଳିତ ହେଉଥିଲା । ଜନସଂଘ ଏବଂ ବିଜେପି ପାଇଁ ସେ ପ୍ରସ୍ତୁତ କରିଥିବା ପ୍ରଜ୍ଞାବଗୁଡ଼ିକ ଆଜି ମଧ୍ୟ ପଢ଼ିବା ଯୋଗ୍ୟ; ସେହିପରି ତାଙ୍କର ସାକ୍ଷାତକାରଗୁଡ଼ିକ ସର୍ବଦା ତୀକ୍ଷ୍ଣ ଏବଂ ସଠିକ୍ ଥିଲା । ଦ୍ୱିତୀୟଟି ହେଉଛି, ଭାରତୀୟ ରାଜନୀତିର ଏକ ବଡ଼ ଗୋଷ୍ଠୀ ଦ୍ୱାରା ବହୁ ବର୍ଷ ଧରି ପ୍ରତାରିତ 'ଛଦ୍ମ-ଧର୍ମନିରପେକ୍ଷତା'କୁ ସେ ଯେଉଁ ଢଙ୍ଗରେ ପଦାରେ ପକାଇଥିଲେ ତାହା ପ୍ରଶଂସନୀୟ ଥିଲା । ଆଡଭାଣୀ ଜୀ ଅଟଳ ବିହାରୀ ସହ ପ୍ରଧାନମନ୍ତ୍ରୀ ଦାୟିତ୍ୱ ତୁଲାଇଥିଲେ । ଜଣେ ଆରଏସ୍‌ଏସ୍ ପ୍ରଚାରକ ଭାବରେ, ଆଡଭାଣୀ ଜୀ ପ୍ରଥମେ ରାଜସ୍ଥାନର ବିଭିନ୍ନ ଅଂଚଳରେ କାର୍ଯ୍ୟ କରିଥିଲେ । ସେଠାରୁ ସେ ଦେଶର ରାଜଧାନୀକୁ ଗଲେ, ଯେଉଁଠାରେ ସେ ଅଟଳ ଜୀଙ୍କ ସହ ଘନିଷ୍ଠ ଭାବରେ ମାମ କରିବା ଆରମ୍ଭ କଲେ । ଇତିହାସ ସାକ୍ଷୀ ରହିଛି, ଏହି ଦୁଇଜଣ ବିଶିଷ୍ଟ ରାଜନୈତିକ ନେତା ପରସ୍ପରର ପ୍ରତିଦ୍ୱନ୍ଦ୍ୱୀ ନ ହୋଇ, ବରଂ ପରସ୍ପରକୁ ସହଯୋଗ କରି ବର୍ଷ ବର୍ଷ ଧରି ଏକାଠି କାମ କରିବାର ଏକ ବିରଳ ଘଟଣା । ଆଡଭାଣୀ ଜୀ ଏବଂ ଅଟଳ ଜୀ ଏକ ଉଲ୍ଲେଖନୀୟ ଉଦାହରଣ ସୃଷ୍ଟି କରିଥିଲେ । ଉଭୟେ ମିଶି ଭାରତୀୟ ରାଜନୀତିର ଗତିପଥ ବଦଳାଇ ଦେଇଥିଲେ । ଆଡଭାଣୀ ଜୀ ଯେଉଁ ଦିଲ୍ଲୀକୁ ଆସିଥିଲେ, ସେହି ସହର ସେତେବେଳେ ବିଭାଜନର ଭୟାବହତା ସହ ମୁକାବିଲା କରୁଥିଲା । ସେ 'ଜନସଂଘ'କୁ ଅଧିକ ଶକ୍ତିଶାଳୀ କରିବା କାର୍ଯ୍ୟରେ ନିଜକୁ ନିୟୋଜିତ କଲେ । ୧୯୬୭ ମସିହାରେ, ଆଡଭାଣୀ ଜୀ ଦିଲ୍ଲୀ ମେଟ୍ରୋପଲିଟାନ୍ ଆଡଜଷ୍ଟିଲର ଅଧକ୍ଷ ହେଲେ; ସେଠାରେ ସେ ସ୍ୱର୍ଗତ ବିଜୟ କୁମାର ମଲହୋତ୍ରା ଜୀ (ଯିଏ ମୁଖ୍ୟ କାର୍ଯ୍ୟକାରୀ ଜାଉନସିଲର ହୋଇଥିଲେ)ଙ୍କ ସହ ମିଶି କାର୍ଯ୍ୟ କରିଥିଲେ । ୧୯୭୦ ମସିହାରେ ଆଡଭାଣୀ ଜୀଙ୍କ ଏଂସଦୀୟ ଯାତ୍ରା ଆରମ୍ଭ ହୋଇଥିଲା । ଏଂସଦରେ ତାଙ୍କର ମତାମତ ସମସ୍ତ ରାଜନୈତିକ ଦଳର ପ୍ରଶଂସା ଲାଭ କରିଥିଲା । ଜଣେ ସାଂସଦ ଭାବରେ, ପରବର୍ତ୍ତୀ ସମୟରେ ଉଭୟ ସଦନରେ ବିରୋଧୀ ଦଳର ନେତା ଭାବରେ ଏବଂ ଶାସକ ଦଳର ସଦସ୍ୟ ଭାବରେ ମଧ୍ୟ ସେ ନିଜର ଏକ ସ୍ୱତନ୍ତ୍ର ଛାପ ଛାଡ଼ିଯାଇଛନ୍ତି । ଏଂସଦୀୟ ଦାୟିତ୍ୱରେ ବ୍ୟସ୍ତ ରହିବା ସତ୍ତ୍ୱେ, ସେ ନିୟମିତ ଭାବେ ସାରା ଭାରତ ଭ୍ରମଣ କରି ଲୋକମାନଙ୍କୁ ଭେଟୁଥିଲେ । ମୋର ୧୯୯୧ ଲୋକସଭା ନିର୍ବାଚନ କଥା ଭଲ ଭାବରେ ମନେ ପଡ଼ି । ସେତେବେଳେ ନିଷ୍ପତି ନିଆଯାଇଥିଲା ଯେ ଆଡଭାଣୀ ଜୀ ତୁରନ୍ତି ଆସନରୁ ଲୋକସଭା ନିର୍ବାଚନ ଲଢ଼ିବେ, ସେଥିମଧ୍ୟରୁ ଗୋଟିଏ ଥିଲା ଗାନ୍ଧୀନଗର । ଗୁଜରାତ ସହିତ ତାଙ୍କର ଏକ ପୁରୁଣା ସମ୍ପର୍କ ଥିଲା । ଦେଶ ବିଭାଜନ ପରେ ତାଙ୍କ ପିତା କରାଚି ଅଂଚଳର ଥିଲେ । ଆଡଭାଣୀ ଜୀ ଗୁଜରାତରୁ ରାଜ୍ୟସଭା ସାଂସଦ ଭାବରେ ମଧ୍ୟ କାର୍ଯ୍ୟ କରିଥିଲେ । ତେଣୁ, ଏହା ଏକ ପ୍ରକାରର 'ଘରକୁ ଫେରିବା' ଭଳି ଥିଲା । ବିଜେପି ସଂଗଠନ ସହ ଜଡ଼ିତ ଥିବାରୁ, ମୋତେ ତାଙ୍କ ନାମାଙ୍କନପତ୍ର ପ୍ରସ୍ତୁତ କରିବା ଏବଂ ନିର୍ବାଚନ ପ୍ରଚାର ସମୟରେ ତାଙ୍କୁ ସହଯୋଗ କରିବାର ସୌଭାଗ୍ୟ ମିଳିଥିଲା । ଗାନ୍ଧୀନଗରର ଜନସାଧାରଣ ତାଙ୍କୁ ବାରମ୍ବାର ସଂସଦକୁ ପଠାଇବାର ଜଣେ ଲୋକଙ୍କ ଭାବରେ, ମୋତେ ମଧ୍ୟ ଅନେକ ଥର ଆଡଭାଣୀ ଜୀଙ୍କୁ ଭୋଟ୍ ଦେବାର ସୌଭାଗ୍ୟ ମିଳିଥିଲା । ନିଜ ନିର୍ବାଚନ ମଣ୍ଡଳୀ ପ୍ରତି ସେ ଯେଉଁ ଯତ୍ନ ଓ ଧ୍ୟାନ ଦେଉଥିଲେ, ତାହା ଅନ୍ୟମାନଙ୍କ ପାଇଁ ଏକ ଶିକ୍ଷଣୀୟ ବିଷୟ । 'ବସୁଧୈବକୁଟୁମ୍ବକମ୍' ଆଡଭାଣୀ ଜୀଙ୍କ ଜୀବନରେ ଏକ ନିର୍ଣ୍ଣାୟକ ମୋଡ଼ ଥିଲା । ଗଣତନ୍ତ୍ରକୁ ବଚାଇବା ଏବଂ ସମ୍ବିଧାନର ସୁରକ୍ଷା କରିବା କ୍ଷେତ୍ରରେ ସେ ଅଗ୍ରଣୀ ଭୂମିକା ଗ୍ରହଣ କରିଥିଲେ । ତାଙ୍କର ଏହି ଅତୁଳନୀୟ ଦୃଢ଼ିକ ତାଙ୍କ ପୁସ୍ତକ 'ଏ ପ୍ରିଜନର୍ସ ସ୍କ୍ରାପ୍-ବୁକ୍'ରେ ସ୍ଥାନ ପାଇଛି । ଏହି ପୁସ୍ତକର 'ଏ ଟେଲ୍ ଅଫ୍ ଟୁ ଏମର୍ଜେନ୍ସିଜ୍' ଶୀର୍ଷକ ଅଂଶରେ ୧୯୭୫ ମସିହା ଜୁନ୍ ମାସରୁ ଭାରତରେ ଘଟିଥିବା ଘଟଣାବଳୀ ଏବଂ ୧୯୩୩ ମସିହାର ନାଜି ଜର୍ମାନୀରେ ଘଟିଥିବା ଘଟଣାବଳୀ ମଧ୍ୟରେ ଥିବା ଆଶ୍ଚର୍ଯ୍ୟଜନକ ସାମଞ୍ଜସ୍ୟକୁ ବେଶ୍ ସୁନ୍ଦର ଭାବରେ ବର୍ଣ୍ଣନା କରାଯାଇଛି । ଆଡଭାଣୀ ଜୀ ଜଣେ ପ୍ରଖର ବିରୋଧୀ ଦଳ ନେତା ଥିଲେ କିନ୍ତୁ ସମାନ ଭାବରେ ଜଣେ ଉତ୍କୃଷ୍ଟ ପ୍ରଶାସକ ମଧ୍ୟ ଥିଲେ । ୧୯୭୭ ମସିହାରେ ଜନତା ପାର୍ଟି ସରକାର କ୍ଷମତାକୁ ଆସିବା ପରେ, ଆଡଭାଣୀ ଜୀ ସୂଚନା ଏବଂ ପ୍ରସାରଣ ମନ୍ତ୍ରୀ ହୋଇଥିଲେ । ଏହି ବିଭାଗରେ ତାଙ୍କର କାର୍ଯ୍ୟ ଅତ୍ୟନ୍ତ ପ୍ରଭାବଶାଳୀ ଥିଲା, ଯାହା ସାଧାରଣରେ ଗ୍ରହଣୀୟ ହୋଇଥିଲା । ଉପପ୍ରଧାନମନ୍ତ୍ରୀ ଏବଂ ଭାରତର ସବୁଠାରୁ ଦୀର୍ଘ ସମୟ ଧରି ଗୃହମନ୍ତ୍ରୀ ଭାବରେ, ସେ ଭାରତର ସୁରକ୍ଷା ବ୍ୟବସ୍ଥାକୁ ମଜବୁତ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ । ଆମର ସୁରକ୍ଷା ବାହିନୀର ସ୍ଥିତିକୁ ଉନ୍ନତ କରିବାରେ ତାଙ୍କର କାର୍ଯ୍ୟ ସ୍ମରଣୀୟ ହୋଇ ରହିଛି । ଆତଙ୍କବାଦ ବିରୁଦ୍ଧରେ ତାଙ୍କର ସ୍ପଷ୍ଟ ଦୃଷ୍ଟିକୋଣ ରହିଥିଲା । ଫଳରେ ଭାରତକୁ ଏକ ଜଟୋର ଆତଙ୍କବାଦ ବିରୋଧୀ ଆଇନ ମିଳିଥିଲା । ଆଡଭାଣୀ ଜୀଙ୍କ ଜୀବନର ଏକ ସ୍ମରଣୀୟ ମୁହୂର୍ତ୍ତ ଥିଲା ସୋମନାଥରୁ ଅଯୋଧ୍ୟା ପର୍ଯ୍ୟନ୍ତ ରଥଯାତ୍ରା । ଏହା ଭାରତୀୟ ସମାଜର ଗତିପଥକୁ ଜବୁତ କରିଥିଲା । ପରିଜଳ୍ପନା ପର୍ଯ୍ୟାୟରୁ କାର୍ଯ୍ୟକାରିତା ପର୍ଯ୍ୟନ୍ତ ଏହି ଯାତ୍ରାରେ ସାମିଲ ହେବା ଲାଗି ସୁଯୋଗ ପାଇବା ଥିଲା ମୋ ପାଇଁ ସୌଭାଗ୍ୟର ବିଷୟ । ଯାତ୍ରା ଆରମ୍ଭ ହେବା ସମୟରେ ସୋମନାଥରେ ଉପସ୍ଥିତ ରହିବା ବିଶେଷ ଭାବରେ ସ୍ମରଣ ଥିଲା । ଏକ ଯାତ୍ରା ବହୁତ ଜଷ୍ଟରେ ହୋଇପାରେ, ଏଥିପାଇଁ ଦୀର୍ଘ ସମୟ, ନିରନ୍ତର ଯାତ୍ରା, ଶାରୀରିକ ସହନଶୀଳତା ଏବଂ ଜ୍ଞାନି ସହଜେ ଧ୍ୟାନ କେନ୍ଦ୍ରିତ କରିବାର କ୍ଷମତା ଆବଶ୍ୟକ ହୁଏ । ଆଡଭାଣୀ ଜୀ ଏହି ସହନଶୀଳତାର ମୂର୍ତ୍ତିମନ୍ତ ଜରିଥିଲେ । ବିହାରରେ ଆଡଭାଣୀ ଜୀଙ୍କୁ ଗିରଫ କରାଯିବାର ଦୃଶ୍ୟଧାୟକ ମୁହୂର୍ତ୍ତଗୁଡ଼ିକ ଏବେ ମଧ୍ୟ ମୋର ମନେ ଅଛି । ତତ୍କାଳୀନ ସମୟରେ ଗୁଜରାତରେ, ବିଜେପି ଟିମନଭାଇ ପଟେଲଙ୍କ ସରକାରରୁ ନିଜର ସମର୍ଥନ ପ୍ରତ୍ୟାହାର କରିନେଇଥିଲା । ଏହା ମାଧ୍ୟମରେ ଏକ ସ୍ପଷ୍ଟ ବାର୍ତ୍ତା ଦିଆଯାଇଥିଲା ଯେ, ଆମର ବିଚାରଧାରା ଏବଂ ଦାମ ମନ୍ଦିର ପ୍ରସଙ୍ଗରେ କେବେବି ବିଜେପି ପ୍ରକାରର ସାଲିସ୍ ବଜାଯିବ ନାହିଁ । ପରିସ୍ଥିତି ଯାହା ହେଉନା କାହିଁକି, ରାମ ମନ୍ଦିର ନିର୍ଦ୍ଦିଷ୍ଟ ଭାବରେ ନିର୍ମାଣ କରାଯିବ ବୋଲି ଆମର ଅନେକ ବରିଷ୍ଠ ନେତା ଏବଂ କାର୍ଯ୍ୟକର୍ତ୍ତ





ନିଆରା ଢଙ୍ଗରେ ଦୀପାବଳି ପାଳିଲା 'ସ୍ୱାଭିମାନ'



ସମ୍ବଲପୁର,୧୦/୧୧(ନି/ପ୍ର): ସେବା ଓ ମାନବିକତାର ବାର୍ତ୍ତା ନେଇ ନିଆରା ଢଙ୍ଗରେ ଦୀପାବଳି ପାଳନ କରିଛି ସମ୍ବଲପୁରର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ 'ସ୍ୱାଭିମାନ'। ବାର୍ତ୍ତ ୯ ବର୍ଷ ଧରି ଅନୁଷ୍ଠାନ ପକ୍ଷରୁ ପିଲା କଳ୍ପତରୁ ସେବାଶ୍ରମରେ ଏହି ସେବାମୂଳକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏହି ଅବସରରେ ସେବାଶ୍ରମର ଅନ୍ତେବାସୀ ଶିଶୁମାନଙ୍କୁ ନୂତନ ବସ୍ତ୍ର, ପାଠ୍ୟ ଉପକରଣ, ଖାଦ୍ୟ ଓ ଖେଳ ସାମଗ୍ରୀ ବଣ୍ଟନ କରାଯାଇଥିଲା। ଅନ୍ୟମାନଙ୍କ ମୁହଁରେ ହସ ଫୁଟାଇବା ସହ ଶିଶୁମାନଙ୍କ ସହ ଖୁସି ବାଣ୍ଟିବା ଥିଲା ଏହି ଆୟୋଜନର ମୁଖ୍ୟ ଉଦ୍ଦେଶ୍ୟ। କାର୍ଯ୍ୟକ୍ରମରେ ସମାଜସେବୀ ସହୀଯ ପଟ୍ଟନାୟକ ମୁଖ୍ୟ ଅତିଥି ଏବଂ ବରିଷ୍ଠ ସାମାଜିକ କାର୍ଯ୍ୟକର୍ତ୍ତା ରାଜାରାମ ପାଢ଼ୀ ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ। ସ୍ୱାଭିମାନ, ସମ୍ବଲପୁରର ସଂସ୍ଥାପକ ଶିଶିର ବହିବାରଙ୍କ ତତ୍ତ୍ୱାବଧାନରେ ଏହି ଆୟୋଜନ ସଫଳ ହୋଇଥିଲା। ଏଥିରେ କୁନ୍ଦନ ପ୍ରଧାନ, ଦେବେନ୍ଦ୍ର ବେହେରା, ସମୀର ହୋତା, ସଞ୍ଜୀବ ଜଂସାରା, ସତ୍ୟବାନ ବାଗ, ପଠାନ ରାଉତ, ବର୍ଷା ମୁଣ୍ଡା, ଶୁଭଲେକ୍ଷ ପ୍ରଧାନ, ସୁଧାର ବେହେରା, ବାବୁଲୁ ଷଣ୍ଡ, ଯାମିନୀ ବହିବାର, ବିଶ୍ୱଜିତ୍ ପଟ୍ଟନାୟକ, ଶ୍ରୀମାଂଶୁ ରାଉତ, ଜଗଦୀଶ ପଟେଲ, ଚିନ୍ମୟ ଦାସ ଓ ଜଲଧାରୀ ବାରିଙ୍କ ସମେତ ଅନ୍ୟ ସଦସ୍ୟମାନେ ସହଯୋଗ କରିଥିଲେ। ଅନ୍ୟମାନଙ୍କ ମୁହଁରେ ହସ ଫୁଟାଇବା ହିଁ ଦୀପାବଳିର ପ୍ରକୃତ ଖୁସି ବୋଲି ବାର୍ତ୍ତା ଦେଇ ଅନୁଷ୍ଠାନର ଏହି ମାନବିକତାପୂର୍ଣ୍ଣ ପ୍ରୟାସ ସମାଜ ପାଇଁ ଏକ ପ୍ରେରଣାଦାୟକ ଉଦାହରଣ ପାଲଟିଛି।

କିର୍ମିରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତର ଓ ବିଶେଷଜ୍ଞଙ୍କ ସଙ୍କଟ

ଝାରସୁଗୁଡ଼ା,୧୦/୧୧(ନି/ପ୍ର): କିର୍ମିରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତର ଓ ବିଶେଷଜ୍ଞଙ୍କ ଅଭାବ ଯୋଗୁଁ ସ୍ୱାସ୍ଥ୍ୟସେବା ଏକପ୍ରକାର ବିପର୍ଯ୍ୟସ୍ତ ହୋଇପଡ଼ିଛି। ଦୀର୍ଘଦିନ ଧରି ଏକାଧିକ ଗୁରୁତ୍ୱପୂର୍ଣ୍ଣ ପଦବୀ ଖାଲି ପଡ଼ିଥିବାରୁ ରୋଗୀମାନେ ଉପଯୁକ୍ତ ଚିକିତ୍ସା ପାଇବାରୁ ବଞ୍ଚିତ ହେଉଛନ୍ତି। ସୂଚନା ଅନୁଯାୟୀ, କିର୍ମିରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ମୋଟ ୨୩ଟି ଡାକ୍ତର ଓ ବିଶେଷଜ୍ଞ ପଦବୀ ମଧ୍ୟରୁ ୧୧ଟି ଖାଲି ପଡ଼ିଛି। ମଞ୍ଜୁରୀପ୍ରାପ୍ତ ୪ଟି ବିଶେଷଜ୍ଞ ଡାକ୍ତର ପଦବୀ ମଧ୍ୟରୁ ଶଲ୍ୟ ଚିକିତ୍ସା, ପ୍ରସୂତି ଓ ସ୍ତ୍ରୀରୋଗ ଏବଂ ଶିଶୁରୋଗ ବିଶେଷଜ୍ଞ ପଦବୀ ଖାଲି ରହିଛି। ସେହିପରି ୧୬ଟି ମଞ୍ଜୁରୀପ୍ରାପ୍ତ ଏମବିବିଏସ୍ ଡାକ୍ତର ପଦବୀ ମଧ୍ୟରୁ ମାତ୍ର ୪ ଜଣ କାର୍ଯ୍ୟରତ ଅଛନ୍ତି। ଅନ୍ୟ ୮ଟି ପଦବୀ ଖାଲି ଥିବାବେଳେ ୪ ଜଣ ଡାକ୍ତର ଜଜଶିକ୍ଷା ପାଇଁ ଛୁଟିରେ ରହିଛନ୍ତି। ଏଥିସହ ମଞ୍ଜୁରୀପ୍ରାପ୍ତ ୩ଟି ଫାର୍ମାସିଷ୍ଟ ପଦବୀ ମଧ୍ୟରୁ ୨ଟି ଖାଲି ପଡ଼ିଛି। କିର୍ମିରା ଓ ଲଇକେରା ବ୍ଲକର ଶତାଧିକ ଗ୍ରାମବାସୀ ଏହି ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ନିର୍ଭରଶୀଳ। ମାତ୍ର ଆବଶ୍ୟକ ଡାକ୍ତର ଓ ବିଶେଷଜ୍ଞ ନଥିବାରୁ ଅନେକ ରୋଗୀ ଚିକିତ୍ସା ନପାଇ ନିରାଶ ହୋଇ ଫେରୁଛନ୍ତି। ଡାକ୍ତର ଅଭାବର ପ୍ରଭାବ ଉଭୟ ବହିର୍ବିଭାଗ ଓ ଜରୁରୀକାଳୀନ ସେବା ଉପରେ ପଡୁଛି। ବିଶେଷଜ୍ଞରୀ ମାତୃ ଓ ଶିଶୁ ସ୍ୱାସ୍ଥ୍ୟସେବା ଚିନ୍ତାଜନକ ସ୍ତିତିରେ ରହିଛି। ପ୍ରସୂତି ଓ ସ୍ତ୍ରୀରୋଗ ବିଶେଷଜ୍ଞଙ୍କ ଏବଂ ନିଷ୍ଣେତକ ବିଶେଷଜ୍ଞଙ୍କ ଅଭାବ ଯୋଗୁଁ ଜଟିଳ ପ୍ରସବ କ୍ଷେତ୍ରରେ ରୋଗୀଙ୍କୁ ଅନ୍ୟ ହସ୍ପିଟାଲକୁ ସ୍ଥାନାନ୍ତର କରିବାକୁ ପଡୁଛି। ଏଭଳି ସ୍ତିତିରେ ଖାଲି ପଡ଼ିଥିବା ଡାକ୍ତର ଓ ବିଶେଷଜ୍ଞ ପଦବୀଗୁଡ଼ିକୁ ତୁରନ୍ତ ପୂରଣ କରିବା ସହ ସ୍ୱାସ୍ଥ୍ୟକେନ୍ଦ୍ରର ଭିତ୍ତିଭୂମିର ବିକାଶ, ପର୍ଯ୍ୟାପ୍ତ ଔଷଧ ଓ ଆବଶ୍ୟକ ଚିକିତ୍ସା ଉପକରଣ ଯୋଗାଇଦେବାକୁ ଆଚଂଳିକ ବିକାଶ ପରିଷଦ ଦାବି କରିଛି।

କୋଷାଗୁମୁଡ଼ା ବ୍ଲକଠାରେ ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର

୨୫ଟି ଅଭିଯୋଗ ଗ୍ରହଣ, ୨ଟିର ତତ୍କାଳ ସମାଧାନ



ନବରଙ୍ଗପୁର,୧୦/୧୧(ନି/ପ୍ର): ଜନସାଧାରଣଙ୍କ ବିଭିନ୍ନ ସମସ୍ୟା, ଅଭାବ ଓ ଅଭିଯୋଗର ଶୁଣାଣି କରି ସେଗୁଡ଼ିକର ତ୍ୱରିତ ତଥା ସୁଚ୍ୟୋପଯୁକ୍ତ ସମାଧାନ ସୁନିଶ୍ଚିତ କରିବା ଉଦ୍ଦେଶ୍ୟରେ ନବରଙ୍ଗପୁର ଜିଲ୍ଲାର କୋଷାଗୁମୁଡ଼ା ବ୍ଲକ କାର୍ଯ୍ୟାଳୟଠାରେ ଆଜି ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର ଆୟୋଜିତ ହୋଇଥିଲା। ଏହି ଶିବିରରେ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ଡଃ ପ୍ରମୋଦ କୁମାର ପୃଷ୍ଟି ଏବଂ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଶ୍ରୀ ଆବିଦ୍ୟ ସେନ୍ ମିଳିତ ଭାବେ ଉପସ୍ଥିତ ରହି ଜନସାଧାରଣଙ୍କ ବିଭିନ୍ନ ଅଭିଯୋଗ ଓ ସମସ୍ୟାର ଶୁଣାଣି କରିଥିଲେ। ଅଭିଯୋଗକାରୀମାନେ ସେମାନଙ୍କର ବ୍ୟକ୍ତିଗତ ତଥା ଗ୍ରାମାଚଂଳଭିତ୍ତିକ ସମସ୍ୟାଗୁଡ଼ିକୁ ଅଧିକାରୀମାନଙ୍କ ସମ୍ମୁଖରେ ଉପସ୍ଥାପନ କରିଥିଲେ। ଶିବିରରେ ମୋଟ ୨୫ଟି ଅଭିଯୋଗ ଗ୍ରହଣ କରାଯାଇଥିବାବେଳେ ସେଥିମଧ୍ୟରୁ ୧୨ଟି ବ୍ୟକ୍ତିଗତ ଏବଂ ୧୩ଟି ଗ୍ରାମଭରାୟ ଅଭିଯୋଗ ରହିଥିଲା। ଏଥିମଧ୍ୟରୁ ୨ଟି ଅଭିଯୋଗର ଘଟଣାସ୍ଥଳରେ ହିଁ ତତ୍କାଳ ସମାଧାନ କରାଯାଇଥିଲା। ଅନ୍ୟ ଅଭିଯୋଗଗୁଡ଼ିକର ପ୍ରକୃତ ସ୍ଥିତି ଅନୁଧ୍ୟାନ କରି ନିୟମାନୁସାରୀ ଆବଶ୍ୟକ ପଦକ୍ଷେପ ଗ୍ରହଣ ଏବଂ ଯଥାଶୀଘ୍ର ନିଷ୍ପତ୍ତି ନେବା ପାଇଁ ସମ୍ପୃକ୍ତ ଅଧିକାରୀମାନଙ୍କୁ ଅବଗତ କରାଯାଇଥିଲା। ଅତିରିକ୍ତ ଜିଲ୍ଲାପାଳ ଡଃ ପୃଷ୍ଟି ଅଭିଯୋଗଗୁଡ଼ିକର ଗୁରୁତ୍ୱକୁ ଦୃଷ୍ଟିରେ ରଖି ସମ୍ପୃକ୍ତ ବିଭାଗଗୁଡ଼ିକ ତତ୍ପରତାର ସହ ତଦନ୍ତ କରିବା ସହ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ସମାଧାନ ସୁନିଶ୍ଚିତ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ସେହିପରି ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଶ୍ରୀ ସେନ୍ ଜନସାଧାରଣଙ୍କ ପୁଲିସ ସମ୍ବନ୍ଧୀୟ ଅଭିଯୋଗଗୁଡ଼ିକର ଶୁଣାଣି କରି ଆଇନ ଅନୁଯାୟୀ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ ଉପରେ ଗୁରୁତ୍ୱ ଦେଇଥିଲେ। ଏହି ମିଳିତ ଜନ ଅଭିଯୋଗ ଶୁଣାଣି ଶିବିରରେ ବ୍ଲକ ଉପାଧ୍ୟକ୍ଷ ଯୋଗେନ୍ଦ୍ର ସାଉଁ ସମେତ ଜିଲ୍ଲାସ୍ତରୀୟ ତଥା ବ୍ଲକସ୍ତରୀୟ ବିଭିନ୍ନ ବିଭାଗର ଅଧିକାରୀ ଓ କର୍ମଚାରୀମାନେ ଉପସ୍ଥିତ ରହି ନିଜ ନିଜ ବିଭାଗ ସମ୍ବନ୍ଧୀୟ ଅଭିଯୋଗଗୁଡ଼ିକର ଶୁଣାଣି ଓ ସମାଧାନ ପ୍ରକ୍ରିୟାରେ ସହଯୋଗ କରିଥିଲେ। ଜନସାଧାରଣଙ୍କ ନିକଟରେ ପ୍ରଶାସନକୁ ଅଧିକ ସୁଲଭ, ସ୍ୱଚ୍ଛ ଓ ଉତ୍ତରଦାୟୀ କରିବା ସହ ସାଧାରଣ ଲୋକଙ୍କ ସମସ୍ୟାର ତ୍ୱରିତ ସମାଧାନ ମାଧ୍ୟମରେ ଲୋକାଭିମୁଖୀ ପ୍ରଶାସନିକ ବ୍ୟବସ୍ଥାକୁ ସୁଦୃଢ଼ କରିବା ଏହି ଜନ ଅଭିଯୋଗ ଶୁଣାଣିର ମୁଖ୍ୟ ଲକ୍ଷ୍ୟ ଅଟେ।

ଛିଡ଼ା ହୋଇ ୧୫୪ କିମି ବାଇକ୍ ଚଳାଇ ଗିନିଜ୍ ବିଶ୍ୱ ରେକର୍ଡ କଲେ ମେଜର ଅମ୍ରିତ ପଣ୍ଡା



ସମ୍ବଲପୁର,୧୦/୧୧(ନି/ପ୍ର): ସମ୍ବଲପୁର ମାଟିର ସୁଯୋଗ୍ୟ ସନ୍ତାନ ତଥା ଭାରତୀୟ ସେନାର ମେଜର ଅମ୍ରିତ ପଣ୍ଡା ନିଜର ଅସାଧାରଣ ଦକ୍ଷତା, ସାହସ ଓ ନିଷ୍ଠା ବଳରେ ଏକ ବିରଳ ବିଶ୍ୱ ଜୀର୍ତ୍ତିମାନ ସ୍ଥାପନ କରି ସମଗ୍ର ଓଡ଼ିଶାକୁ ଗୌରବାନ୍ୱିତ କରିଛନ୍ତି। ମୋଟର ସାଇକେଲ୍‌ର ହ୍ୟାଣ୍ଡେଲ୍ ନ ଧରି ଛିଡ଼ା ହୋଇ ଲଗାତାର ୧୫୪ କିଲୋମିଟର (୯୫.୬୯ ମାଇଲ) ଯାତ୍ରା କରି ସେ ଗିନିଜ୍ ବୁକ୍ ଅଫ୍ ୱାର୍ଲ୍ଡ ରେକର୍ଡସରେ ନିଜ ନାମ ସାମିଲ କରିଛନ୍ତି। ତାଙ୍କର ଏହି ଐତିହାସିକ ସଫଳତା ପରେ ସମ୍ବଲପୁର ସମେତ ସମଗ୍ର ରାଜ୍ୟରେ ଆନନ୍ଦ ଓ ଗର୍ବର ଲହରୀ ଖେଳିଯାଇଛି। ଗତ ନଭେମ୍ବର ୬ ତାରିଖରେ ବାଙ୍ଗାଲୋରସ୍ଥିତ ଆର୍ମି ସର୍ଭିସ୍ ଜର୍ଫସ୍ (ସାଉଥ୍) ପରିସରରେ ମେଜର ଅମ୍ରିତ ଏହି ଅସାଧାରଣ ଜୀର୍ତ୍ତିମାନ ହାସଲ କରିଥିଲେ। ଭାରତୀୟ ସେନାର ପ୍ରସିଦ୍ଧ 'ଏଏସ୍‌ସି ଟର୍ଟ୍ଟାଡୋ' ଦଳର ମୁଖ୍ୟ ଭାବେ ସେ ପୂର୍ବରୁ ଦେଶର ବିଭିନ୍ନ ସ୍ଥାନରେ ଅନେକ ଦୁଃସାହସିକ ଦଳଗତ ମୋଟରସାଇକେଲ୍ ପ୍ରଦର୍ଶନ ଓ ଅଭିଯାନର ନେତୃତ୍ୱ ନେଇ ନିଜର ଦକ୍ଷତା ଏବଂ ନେତୃତ୍ୱର ପରିଚୟ ଦେଇସାରିଛନ୍ତି। ଉଲ୍ଲେଖଯୋଗ୍ୟ ଯେ, ଏହି ବିଶ୍ୱ ରେକର୍ଡ ପୂର୍ବରୁ ଏଏସ୍‌ସି ଟର୍ଟ୍ଟାଡୋ ଦଳର ସଦସ୍ୟ ଅଭିଜିତ ସିଂହ ଗ୍ରେଟ୍‌ଲାଇଜ ନାମରେ ରହିଥିଲା। ୨୦୨୨ ଡିସେମ୍ବର ୪ ତାରିଖରେ ସେ ଛିଡ଼ା ହୋଇ ୧୦୭.୯୨ କିଲୋମିଟର ବାଇକ୍ ଚଳାଇ ଏହି ଜୀର୍ତ୍ତିମାନ ସ୍ଥାପନ କରିଥିଲେ। ମାତ୍ର ମେଜର ଅମ୍ରିତ ୧୫୪ କିଲୋମିଟର ଯାତ୍ରା କରି ପୂର୍ବ ରେକର୍ଡକୁ ଅତିକ୍ରମ କରିବା ସହ ନୂଆ ଇତିହାସ ରଚିଛନ୍ତି। ମେଜର ଅମ୍ରିତ ପଣ୍ଡା ସମ୍ବଲପୁରର ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ମାର୍ଗସ୍ଥିତ ଧୁରୁଲାପଡ଼ା ନିବାସୀ ବିଜୟ ପଣ୍ଡା ଓ ପୁଷ୍ପାରାଣୀ ପଣ୍ଡାଙ୍କ ସୁପୁତ୍ର। ସେ ବରିଷ୍ଠ ସାମ୍ବାଦିକ ଅର୍ଜୁନ ରଞ୍ଜନ ପଣ୍ଡାଙ୍କ ନାତି ଏବଂ ବିଶିଷ୍ଟ ଐତିହାସିକ ଦୀପକ କୁମାର ପଣ୍ଡାଙ୍କ ଭୁତୁରା। ତାଙ୍କର ଏହି ଅପୂର୍ବ ସଫଳତାରେ ପରିବାର, ଆତ୍ମୀୟସ୍ୱଜନ, ବନ୍ଧୁବାନ୍ଧବ ଓ ଶୁଭେଚ୍ଛୁମାନଙ୍କ ମଧ୍ୟରେ ଖୁସିର ପରିବେଶ ସୃଷ୍ଟି ହୋଇଛି। ସେମାନେ ନିଜର ଜର୍ଜବ୍ୟନିଷ୍ଠା ସହ ଅସାଧାରଣ ଜିଦ୍‌ରୀ ଦକ୍ଷତାର ପରିଚୟ ଦେଇ ମେଜର ଅମ୍ରିତ ପଣ୍ଡା ଆଜି ସମ୍ବଲପୁର ତଥା ଓଡ଼ିଶାର ଗର୍ବ ଓ ଗୌରବ ପାଲଟିଛନ୍ତି। ତାଙ୍କର ଏହି ଐତିହାସିକ ଉପଲବ୍ଧି ଯୁବପିଢ଼ିଙ୍କ ପାଇଁ ପ୍ରେରଣାର ଉତ୍ସ ହୋଇ ରହିବ।

ଭୋଟର ତାଲିକାର ସ୍ୱତନ୍ତ୍ର ସଂକ୍ଷିପ୍ତ ସଂଶୋଧନ କାର୍ଯ୍ୟକ୍ରମ

ପୁରୀ, ୧୦/୧୧(ନି/ପ୍ର): ଭାରତ ନିର୍ବାଚନ ଆୟୋଗ ତା ୦୧-୦୧-୨୦୨୬ ରିଖକୁ ଯୋଗ୍ୟତା ତାରିଖ ଭାବେ ଗ୍ରହଣ କରି ଫଟୋ ଭୋଟର ତାଲିକାର ସ୍ୱତନ୍ତ୍ର ସଂକ୍ଷିପ୍ତ ସଂଶୋଧନ ନିମନ୍ତେ କାର୍ଯ୍ୟସୂଚୀ ଘୋଷଣା କରିଛନ୍ତି। ଏହାର ଉଦ୍ଦେଶ୍ୟ ହେଉଛି ଏକ ପରିଚ୍ଛ, ଅତ୍ୟାଧୁନ, ସମାବେଶୀ ଏବଂ ତ୍ରୁଟିମୁକ୍ତ ଭୋଟର ତାଲିକା ପ୍ରସ୍ତୁତ କରିବା। ମତଦାନ ଜେନ୍ରୁଲ୍ଟିକର ସୁଚ୍ୟୋପଯୁକ୍ତକରଣ / ପୁନର୍ନିର୍ଦ୍ଦ୍ୟାସ ତା ୨୦.୧୧.୨୦୨୬ ରିଖ ସୁଦ୍ଧା, ସମ୍ପୃକ୍ତ ଚିଠା ଭୋଟର ତାଲିକା ପ୍ରକାଶନ ତା ୩୦.୧୧.୨୦୨୬ ରିଖ, ଦାବି ଓ ଆପତ୍ତି ଦାଖଲ ସମୟ ସୀମା ତା ୩୦.୧୧.୨୦୨୬ ରୁ ୩୦.୧୨.୨୦୨୬ ରିଖ ପର୍ଯ୍ୟନ୍ତ, ଦାବି ଓ ଆପତ୍ତିଗୁଡ଼ିକର ସମାଧାନ ତା ୧୬.୦୧.୨୭ ରିଖ ସୁଦ୍ଧା କରାଯିବ। ଚୂଡ଼ାନ୍ତ ଭୋଟର ତାଲିକା ପ୍ରକାଶନ ତା ୨୧.୦୧.୨୦୨୭ ରିଖରେ କରାଯିବ। ସେହିପରି ପ୍ରସ୍ତୁତିମୂଳକ କାର୍ଯ୍ୟକ୍ରମର ଏକ ଅଂଶ ଭାବେ, ଭାରତ ନିର୍ବାଚନ ଆୟୋଗଙ୍କ ପ୍ରସ୍ତୁତ୍ୟ ନିର୍ଦ୍ଦେଶାବଳୀ ଅନୁଯାୟୀ ମତଦାନ ଜେନ୍ରୁଲ୍ଟିକର ସୁଚ୍ୟବସ୍ଥାକରଣ / ପୁନର୍ନିର୍ଦ୍ଦ୍ୟାସ କରାଯିବା ପ୍ରତିବନ୍ଧକ ଅନ୍ତିକ୍ରମ କରିବାକୁ ନ ପଡ଼ି, ତାହା ସୁନିଶ୍ଚିତ କରିବା ପାଇଁ ଉଦ୍ୟମ କରାଯିବ।

ବରିଷ୍ଠ ସାମ୍ବାଦିକ ବିପିନ ବିହାରୀ ମିଶ୍ରଙ୍କ ପରଲୋକ



ସମ୍ବଲପୁର,୧୦/୧୧(ନି/ପ୍ର): ସମ୍ବଲପୁରର ବରିଷ୍ଠ ସାମ୍ବାଦିକ ବିପିନ ବିହାରୀ ମିଶ୍ରଙ୍କର ରବିବାର ଭୋର ପ୍ରାୟ ୪ଟା ସମୟରେ ଭୁବନେଶ୍ୱରଠାରେ ପରଲୋକ ଘଟିଛି। ସେ ଦୀର୍ଘଦିନ ଧରି ଅସୁସ୍ଥ ଥିବାବେଳେ ଚିକିତ୍ସାଧୀନ ଅବସ୍ଥାରେ ଶେଷନିଶ୍ୱାସ ତ୍ୟାଗ କରିଥିଲେ। ତାଙ୍କ ବିୟୋଗରେ ସାମ୍ବାଦିକ ମହଲରେ ଗଭୀର ଶୋକ ପ୍ରକାଶ ପାଇଛି। ସ୍ୱର୍ଗତ ମିଶ୍ରଙ୍କ ମରଣତାନକୁ ସମ୍ବଲପୁରସ୍ଥିତ ଜଡଚଧୁଥା ବାସଭବନକୁ ଅଣାଯିବା ପରେ ସେଠାରୁ ଏକ ଶୋକାକୁଳ ପରିବେଶରେ ଶେଷଯାତ୍ରା ବାହାରିଥିଲା। ସ୍ଥାନୀୟ ରାଜଘାଟଠାରେ ଅପରାହ୍ନରେ ଶେଷକୃତ୍ୟ ହରାଇଛି। ତାଙ୍କର ଅବଦାନ ଚିରସ୍ମରଣୀୟ ହୋଇ ରହିବ।

ନିଖୋଜ ଓଏସପି ଯବାନଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

ଘୁଡ଼ାମରା ଘାଟି ନିକଟ ଜଙ୍ଗଲରୁ ମିଳିଲା ମୃତଦେହ

ଝାରସୁଗୁଡ଼ା,୧୦/୧୧(ନି/ପ୍ର): ଦୁଇ ଦିନ ଧରି ନିଖୋଜ ଥିବା ଜଣେ ଓଏସପି ଯବାନଙ୍କ ଝୁଲନ୍ତା ମୃତଦେହକୁ ପୁନରଗଡ଼ ଜିଲ୍ଲା ହେମଗିରି ପୁଲିସ ଶନିବାର ସକାଳେ ଉଦ୍ଧାର କରିଛି। ମୃତ ଯବାନ ହେଲେ ଝାରସୁଗୁଡ଼ା ଜିଲ୍ଲା ଲଖନପୁର ବ୍ଲକ ରେଙ୍ଗାଲି ଥାନା ଅନ୍ତର୍ଗତ ଦେଓପାଲି ଗ୍ରାମର ବୁଲ ସାହୁଙ୍କ ଏକମାତ୍ର ପୁଅ ପୃଥ୍ୱୀରାଜ ସାହୁ (୩୩)। ସେ ଓଡ଼ିଶା ସ୍ପେଶାଲ ପୁଲିସ (ଓଏସପି)ରେ କାର୍ଯ୍ୟରତ ଥିବାବେଳେ ଝାରସୁଗୁଡ଼ାସ୍ଥିତ ତାଙ୍କ ସୁରେନ୍ଦ୍ର ସାଏ ବିମାନବନ୍ଦରରେ ନିୟୋଜିତ ଥିଲେ।ପ୍ରାପ୍ତ ସୂଚନା ଅନୁଯାୟୀ, କୌଣସି କାରଣରୁ ଗତ ଗୁରୁବାରଠାରୁ ପୃଥ୍ୱୀରାଜ ହଠାତ୍ ନିଖୋଜ ହୋଇଯାଇଥିଲେ। ଏନେଇ ପରିବାର ପକ୍ଷରୁ ଝାରସୁଗୁଡ଼ା ପୁଲିସକୁ ସୂଚନା ଦିଆଯିବା ପରେ ପୁଲିସ ତାଙ୍କର ଖୋଜାଖୋଜି ଆରମ୍ଭ କରିଥିଲା। ଏହି ସମୟରେ ଗତ ଶୁକ୍ରବାର ଦିନ ସୁନରଗଡ଼ ଜିଲ୍ଲା ହେମଗିରି ଥାନା ଅନ୍ତର୍ଗତ ଘୁଡ଼ାମରା ଘାଟି ନିକଟରେ ତାଙ୍କ ସ୍କୁଟିକୁ ସ୍ଥାନୀୟ ଲୋକେ ଦେଖିବାକୁ ପାଇଥିଲେ। ଏନେଇ ସେମାନେ ହେମଗିରି ପୋଲିସକୁ ଖବର ଦେଇଥିଲେ। ଖବର ପାଇ ପୁଲିସ ନିଜତସ୍ୱ ଜଙ୍ଗଲରେ ଖୋଜାଖୋଜି ଆରମ୍ଭ କରିଥିଲା। ଶେଷରେ ଶନିବାର ସକାଳେ ଘାଟି ନିକଟସ୍ଥ ଜଙ୍ଗଲରେ ଏକ ବେଲୁଆ ଗଛରେ ପୃଥ୍ୱୀରାଜଙ୍କ ଝୁଲନ୍ତା ମୃତଦେହକୁ ପୋଲିସ ଠାବ କରିଥିଲା। ପୋଲିସ ମୃତଦେହ ଜବତ କରିବା ସହ ଘଟଣାର ତଦନ୍ତ ଆରମ୍ଭ କରିଛି। ଜଣେ ଯୁବ ଯବାନଙ୍କ ଏଭଳି ଅଜ୍ଞାତ ମୃତ୍ୟୁ ଖବର ତାଙ୍କ ଗାଁ ଓ ପରିବାରରେ ଶୋକର ଛାୟା ଖେଳାଇ ଦେଇଛି।

ଲକ୍ଷ୍ମୀ ଡୁଙ୍ଗୁରୀରେ ସମ୍ବଳକ ଉଦ୍ଡ୍ୟାୟନରେ ସଫେଇ ଅଭିଯାନ : ସମ୍ବଳକ ଉଦ୍ଡ୍ୟାୟନ ପ୍ରକୃତି ଉଦ୍ୟାନ ବିକାଶ ଦାବି

ସମ୍ବଲପୁର,୧୦/୧୧(ନି/ପ୍ର): ସମ୍ବଲପୁରର ଅଗ୍ରଣୀ ସାମାଜିକ ସାଂସ୍କୃତିକ ସଂଗଠନ ଗୁରୁ ପଦୁସନ୍ତ ପ୍ରଚାର ସମିତି ପକ୍ଷରୁ ଲକ୍ଷ୍ମୀ ଡୁଙ୍ଗୁରୀ ପାଦ ଦେଶର ସମ୍ବଳକ ଉଦ୍ଡ୍ୟାନ ପ୍ରକୃତି ଉଦ୍ୟାନରେ ଶନିବାର ସଫେଇ ଅଭିଯାନ ସହ ଏକ ଜନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରଚାର ସମିତିର ସଦସ୍ୟ ସଦସ୍ୟାମାନେ 'ସମ୍ବଳକ ଉଦ୍ଡ୍ୟାନ' ପରିସରକୁ ସଫା ସୁତୁରା କରିବା ସହ ଏଠାରେ ସମର୍ପଣ ଉତ୍ସବରେ ରୋପଣ କରାଯାଇଥିବା ବୃକ୍ଷଗୁଡିକୁ ପୂଜାର୍ଚ୍ଚନା କରାଯାଇଥିଲା। ସମ୍ବଲପୁରର ପୁରାତନ ନାମ ସମ୍ବଳକ ହୋଇଥିବା ବେଳେ ଏହା ଉଦ୍ଡ୍ୟାନର ଅଂଶବିଶେଷ ରହିଥିଲା । ଏବେବି ସମ୍ବଲପୁରର ପୁରାତନ ଇତିହାସ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ସେପରି କୌଣସି ଆଖୁଦୃଶିଆ ପଦକ୍ଷେପ ନିଆଯାଇ ପାରିନାହିଁ । ଏପରିକି ଏ ବିଗରେ ଆବଶ୍ୟକ ଉଦ୍ୟମ ବି ହୋଇ ପାରୁନାହିଁ। ଗୁରୁ ପଦୁ ସନ୍ତର ସମ୍ବଲପୁର ମାଟିର ଗୌରବ ହୋଇଥିବା ବେଳେ ଭାରତୀ ସମାଜ ଏଂ ଗୁରୁ ପଦୁ ସନ୍ତର ପ୍ରଚାର ସମିତି ପକ୍ଷରୁ ଲକ୍ଷ୍ମୀ ଡୁଙ୍ଗୁରି ପାଦଦେଶରେ ସମ୍ବଳକ ଉଦ୍ଡ୍ୟାନ ପ୍ରକୃତି ଉଦ୍ୟାନକୁ ସମ୍ବଲପୁର ଇତିହାସର ପ୍ରତିକୃତି ଭାବରେ ବିକଶିତ କରିବା ନେଇ ଉଦ୍ୟମ କରାଯାଇଛି। ଦୌଡ଼ ଧର୍ମରେ ସହଜ ଯାନ ବା ଚଢ଼ଉଯାନର ପ୍ରବର୍ଦ୍ଧିକା ଲକ୍ଷ୍ମୀକରାଙ୍କ ନାମରେ ଲକ୍ଷ୍ମୀ ଡୁଙ୍ଗୁରୀ ନାମିତ ଜମିଶନର ରେହାନ ଖଡ଼ୀଙ୍କୁ ଭେଟି ବାବୁଛିପିଡ଼ିହି ଗ୍ରାମପଚାଂୟତର ସରାଇସୁନ୍ଦାଠାରୁ ପଣ୍ଡାଡ଼ିହି ଏବଂ ନିଭିମାଲ ଗ୍ରାମପଚାଂୟତର ପୂର୍ବ ବିଭାଗ ରାସ୍ତାଠାରୁ ନିଭିମାଲ ପର୍ଯ୍ୟନ୍ତ ନୂତନ ସଡ଼କ ନିର୍ମାଣ କାର୍ଯ୍ୟର ଶୁଭାରମ୍ଭ କରାଯାଇଛି। ଏହାପରେ ବିଧାୟକ ହାତୀଆନାଳା ଡ୍ୟାମ୍ ର ଉନ୍ନତିକରଣ କାର୍ଯ୍ୟସୁଚି ପରିବର୍ଦ୍ଧନ କରିଥିଲେ। କାର୍ଯ୍ୟର ଅଗ୍ରଗତି ଓ ମାନ ଯାଂଚ କରିବା ସହ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ଉତମାନର କାର୍ଯ୍ୟ ସମାପନ କରିବାକୁ



ରାଉରକେଲା ପୋଲିସ ଦ୍ୱାରା ଘରୁ ସ୍ୱର୍ଣ୍ଣ ଅଳଙ୍କାର ଚୋରି ଗ୍ୟାଙ୍ଗର ପର୍ଦ୍ଦାଫାଶ :

ଘଟଣାରେ ସମ୍ପୃକ୍ତ ତିନି ଜଣଙ୍କୁ ଗିରଫ କରାଯିବା ସହ ଚୋରି ସମ୍ପତ୍ତି ଉଦ୍ଧାର





ରାଉରକେଲା,୧୦/୧୧(ନି/ପ୍ର): ରାଉରକେଲା ପୋଲିସ ପକ୍ଷରୁ ତିନୋଟି ଚୋରି ମାମଲାର ଚିହ୍ନଟ କରାଯିବା ସହିତ ପରସ୍ପର ସଂଲଗ୍ନ ଗ୍ୟାଙ୍ଗ ଏବଂ ଘର ଚୋରି ଅପରାଧର ସମ୍ପୃକ୍ତିକୁ ଉନ୍ମୋଚନ କରାଯାଇଛି । ଛେଣ୍ଡ ଥାନା ପକ୍ଷରୁ ମାମଲା ନମ୍ବର ୨୩୭/୨୦୨୫, ୧୧୧/୨୦୨୬ ଓ ୨୦୩/୨୦୨୬ ଡବଲ ସମୟରେ ଏକ ବଡ଼ ସଫଳତା ହାସଲ କରାଯାଇଛି । ସୂଚନା ଅନୁଯାୟୀ ଗତ ୦୯.୧୦.୨୦୨୫ ତାରିଖ ଦିନ ରାଉରକେଲାର ଛେଣ୍ଡର କ୍ୱାର୍ଟର ନଂ.ଏଲସିଆର-୫୭୨ରେ ନରେଶ ଚନ୍ଦ୍ର ପାଣିଙ୍କ ପୁଅ ଦୀପକ କୁମାର ପାଣି (୪୬) ଛେଣ୍ଡ ଥାନାରେ ଅଭିଯୋଗ କରିଥିଲେ ଯେ, ଜିଲ୍ଲି ଅଞ୍ଚଳୀ ଅପରାଧୀ ତାଙ୍କ ଘରୁ ଚୋରି କରିଛନ୍ତି । ଏହି ଏତାଲା ପରେ ପୋଲିସ୍ ପକ୍ଷରୁ ତୁରନ୍ତ ଏକ ମାମଲା ରୁଜୁ କରାଯାଇଥିଲା ଏବଂ ଏକ ସ୍ୱତନ୍ତ୍ର ତଦନ୍ତ ବଳ ଗଠନ କରାଯାଇ, ବୈଷୟିକ ବିଶ୍ଳେଷଣ, ସିସି ଟିଭି ଫୁଟେଜ୍ ପରୀକ୍ଷା ଏବଂ ଗୁପ୍ତଚର ସୂଚନା ମାଧ୍ୟମରେ ଅଭିଯୁକ୍ତମାନଙ୍କୁ ଚିହ୍ନଟ କରାଯାଇଥିଲା । ବିଶ୍ୱସ୍ତ ଗୁପ୍ତଚର ସୂଚନା ଏବଂ ତୁରନ୍ତ ତଦନ୍ତ ମାଧ୍ୟମରେ ପୋଲିସ ଅଭିଯୁକ୍ତ ବ୍ୟକ୍ତିଙ୍କୁ ଗିରଫ କରିବାରେ ସଫଳ ହୋଇଥିଲେ । ସେମାନେ ହେଲେ ସତ୍ୟେନ୍ଦ୍ର କୁମାର (୩୬) । ରାଉରକେଲା ଛେଣ୍ଡ ଧାମରା ବସ୍ତିରେ ରହୁଥିବା ସତ୍ୟେନ୍ଦ୍ର କୁମାର (୩୬) ହୋଇଥିବା ବେଳେ ସେ ବିହାର ପାଟନା ଜିଲ୍ଲାର ବାର୍ହା ଥାନା ଅଂଚଳ ବାସିନ୍ଦା, ଦ୍ୱିତୀୟ ଅଭିଯୁକ୍ତ ହେଲେ ରାଉରକେଲା ପ୍ଲାଟଂସାଇଟ୍ ଥାନା ଅନ୍ତର୍ଗତ ଡେଲି ମାର୍କେଟ ରୋଡ଼ି ହୋଟେଲ ରଜିତ ସିମରନ୍ ଓରଫ୍ ନାନକ ସିଂହ (୨୮) ଏବଂ ତୃତୀୟ ଅଭିଯୁକ୍ତ ହେଲେ ରାଉରକେଲା ପ୍ଲାଟଂସାଇଟ୍ ଥାନା ଅନ୍ତର୍ଗତ ଜିଲ୍ଲୁ ହୋଟେଲ ଜେନର ବିବେକ ପ୍ରସାଦ (୪୫)। ଏମାନେ ସମସ୍ତେ ତିନୋଟି ଚୋରି ମାମଲାରେ ଜଡିତ । ପୋଲିସ ପକ୍ଷରୁ ନିରନ୍ତର ପଚରାଉଚରା ସମୟରେ ଅଭିଯୁକ୍ତମାନେ ସ୍ୱୀକାର କରିଛନ୍ତି ଯେ, ସେମାନେ ନିଜ ଚୋରି ସୁନା ମୁଥୁଟ୍ ଫିନକର୍ପ ଲିମିଟେଡରେ ଜମା କରି ସେଠାରୁ ସୁନା ଋଣ ପାଇଥିଲେ । ପୋଲିସ୍ ପକ୍ଷରୁ ରାଉରକେଲା ମୁଥୁଟ୍ ଫିନକର୍ପ ଲିମିଟେଡ୍ ଶାଖା ୧୦ରୁ ସୁନା ଅଳଙ୍କାର ଜବତ କରାଯାଇଛି । ଘଟଣାରେ ସମ୍ପୃକ୍ତି ସହିତ ଚୋରି ସମ୍ପତ୍ତିର ଗ୍ରହଣକାରୀ ହୋଇଥିବାରୁ ବିବେକ ପ୍ରସାଦଙ୍କ ନାମ ମଧ୍ୟ ପ୍ରକାଶ କରିଥିଲେ । ପୋଲିସ ତାଙ୍କୁ ଗିରଫ କରିଛି । ପୋଲିସର ତଦନ୍ତ ସମୟରେ ଜଣାପଡ଼ିଛି ଯେ ଅଭିଯୁକ୍ତ ସତ୍ୟେନ୍ଦ୍ର କୁମାର ଏବଂ ସିମରନ୍ ଓରଫ୍ ନାନକ ସିଂହ ଜଣେ ସକ୍ରିୟାସଗତ ଅପରାଧୀ ଏବଂ ରାଉରକେଲାର ବିଭିନ୍ନ ପୋଲିସ ଥାନାରେ ପୂର୍ବରୁ ଅନେକ ଜଘନ୍ୟ ଅପରାଧିକ ମାମଲାରେ ଜଡିତ ରହିବା ସହ ଅନେକ ଥର ଜେଲ୍ ମଧ୍ୟ ଯାଇଛନ୍ତି । ରାଉରକେଲା ପୋଲିସ ପକ୍ଷରୁ ଅନ୍ୟାନ୍ୟ ସମାନ ଅପରାଧରେ ଅଭିଯୁକ୍ତଙ୍କ ସମ୍ପୃକ୍ତି ସହିତ ଅଧିକ ଚୋରି ସମ୍ପତ୍ତି ଉଦ୍ଧାର ପାଇଁ ପୋଲିସ ପକ୍ଷରୁ ତଦନ୍ତ ଜାରି ରହିଛି ବୋଲି ଆଜି ରାଉରକେଲା ପୋଲିସ୍ ମୁଖ୍ୟାଳୟରେ ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି ରାଉରକେଲା ଆରକ୍ଷୀ ଅଧିକ୍ଷକ ନିତେଶ ଖୁଣ୍ଟିଆ, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଶ୍ରାବଣୀ ନାୟକ, ପାନପୋଷ ଏସଡିପିଓ ଗୁପ୍ତାନ୍ତ କୁମାର ଦାସ, ଛେଣ୍ଡ ଥାନା ଆଇଆଇସି ବିକ୍ରମ କୁମାର ଭୂୟାଁ ଏବଂ ଅନ୍ୟାନ୍ୟ ବରିଷ୍ଠ ପୋଲିସ୍ ଅଧିକାରୀ । ଅଭିଯୁକ୍ତଙ୍କ ନିକଟରୁ ଗୋଟିଏ ହିରା ମାଏକ୍ତା ସ୍ଟୁଟି ଯାହାର ପଞ୍ଜିକରଣ ନମ୍ବର ଓଡି ୧୪ଏମ୍ ୭୨୯୨, ଗୋଟିଏ ସୁନା ହାର ହାର ଯାହାର ଓଜନ ପ୍ରାୟ ୩୦.୭୦ଗ୍ରାମ୍, ଗୋଟିଏ ସୁନା ହାର ପ୍ରାୟ ୧୭.୭୧ ଗ୍ରାମ୍, ମୁଦ୍ରା ଆକୃତିର ତରଳା ସୁନା ଓଜନ ପ୍ରାୟ ୩୦ ଗ୍ରାମ୍, ଗୋଟିଏ ୱାଇଜ କମ୍ପାନୀର ଲାପଟପ୍, ଗୋଟିଏ ଲାଲ ରଙ୍ଗର ହୋଣ୍ଡା ସାଇନ୍ ବାଇକ୍ ଯାହାର ପଞ୍ଜିକରଣ ନମ୍ବର ଓଡି-୧୪ଡି- ୬୦୭୮ ଏବଂ ଗୋଟିଏ ଡଟଡଟ ମୋବାଇଲ୍ ଫୋନ୍ ଜବତ କରାଯାଇଛି । ଅଭିଯୁକ୍ତ ସତ୍ୟେନ୍ଦ୍ର କୁମାରଙ୍କ ନାମରେ ପୂର୍ବରୁ ଉଦିତନଗର ଥାନାରେ ଗୋଟିଏ ଏବଂ ଛେଣ୍ଡ ଥାନାରେ ୩ଟି ମାମଲା ରହିଛି । ସେହିପରି ଅଭିଯୁକ୍ତ ସିମରନ ଓରଫ୍ ନାନକ ସିଂହଙ୍କ ନାମରେ ପୂର୍ବରୁ ରାଉରକେଲାର ବିଭିନ୍ନ ଥାନାରେ ୮ଟି ମାମଲା ରହିଛି ବୋଲି ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି । ଛେଣ୍ଡ ଥାନାରେ କେସ୍ ନଂ. ୨୩୭, ତାରିଖ ୦୯.୧୦.୨୦୨୫, ବିଏନ୍ଏସ୍ ଧାରା -୩୩୧(୪)/୩୦୫କୁ ବି.ଏନ୍.ଏସ୍. ଧାରା ୩୩୧(୪)/୩୦୫/୩୧୭(୨)/୩(୫)କୁ ସ୍ଥାନାନ୍ତରିତ କରାଯାଇଛି ।ଛେଣ୍ଡ ପି.ଏସ୍. ମାମଲା ନଂ ୧୧୧ ତାରିଖ ୦୬.୦୪.୨୦୨୬ ରୁଜୁ ମାମଲାକୁ ବିଏନ୍ଏସ୍ ଧାରା -୩୩୧(୪)/୩୦୫କୁ ବିଏନ୍ଏସ୍ ଧାରା ୩୦୫/୩୩୧(୪) ୩(୫)କୁ ସ୍ଥାନାନ୍ତରିତ କରାଯାଇଛି । ସେହିପରି ଛେଣ୍ଡ ଥାନା ମାମଲା ନଂ- ୨୦୩, ତାରିଖ ୨୪.୦୭.୨୦୨୬ ବିଏନ୍ଏସ୍ ଧାରା ୩୦୫/୩୩୧(୪)କୁ ବିଏନ୍ଏସ୍ ୩୦୫/୩୩୧(୪)/୩୧୭(୨)/୩(୫)କୁ ସ୍ଥାନାନ୍ତରିତ କରାଯାଇଛି ।

ରାଜସ୍ଥାନ ପରିଷଦ ପକ୍ଷରୁ ଦୀପାବଳି ସ୍ନେହ ମିଳନ-୨୦୨୬ ମହାସମାରୋହରେ ପାଳିତ

ରାଉରକେଲା,୧୦/୧୧(ନି/ପ୍ର): ରାଜସ୍ଥାନ ପରିଷଦ ପକ୍ଷରୁ ଦୀପାବଳି ସ୍ନେହ ମିଳନ-୨୦୨୬ ୯ ତାରିଖ ସନ୍ଧ୍ୟା ୭ଟାରୁ ଅମର ଭବନ ପରିସରରେ ମହାସମାରୋହରେ ପାଳିତ ହୋଇଯାଇଛି । ରାଜସ୍ଥାନ ପରିଷଦ, ହରିୟାଣା ନାଗରିକ ସଂଘ ଏବଂ ଅଗ୍ରୱାଲ, ମହାରାଜା ଅଗ୍ରସେନ ସେବା ସଂଘର ସଭାପତି ପୂର୍ଣ୍ଣମଲ ଅଗ୍ରୱାଲ, ରାଜସ୍ଥାନ ପରିଷଦର ପୃଷ୍ଠପୋଷକ କମିଟି ସଦସ୍ୟ ସତୀଶ ଆଜମେରା, ସୁରେଶ କେଜରିୱାଲ, ପୂର୍ବତନ ଅଧକ୍ଷ ସନ୍ତୋଷ ପାରିଖ, ଚନ୍ଦ୍ରି ନାରାୟଣ ମାହେଶ୍ୱରୀ, ମାଙ୍ଗିଲାଲ ବୋଥ୍ରା, ତରୁଣ ମାଲାନି, ସନ୍ତୋଷ ଅଗ୍ରୱାଲ, ଶୈଳେନ୍ଦ୍ର ମାରୋଥିଆ, ଯୁଗଳ କିଶୋର ମାରୋଥିଆ, ପରିଷଦର ଉପାଧକ୍ଷ ବିନୋଦ ନରେଡି, ପବନ ସେଡିଆ, ସଚିବ ମନୀଷ ଟୋଡି, କୋଷାଧକ୍ଷ ନଟବର ଡାଗାଡିଆ, ସହକୋଷାଧକ୍ଷ ଅଶୋକ ଅଗ୍ରୱାଲ, ଯୁଗ୍ମ ସମ୍ପାଦକ ବିନୟ ଶର୍ମା, ସାଂସ୍କୃତିକ କାର୍ଯ୍ୟକ୍ରମ ସଂଯୋଜକ କିଶନ ଅଗ୍ରୱାଲ, ମହିଳା ସଂଯୋଜକ ହେମା ଶର୍ମାଙ୍କ ସହିତ ବିଭିନ୍ନ ସଂଗଠନର ସଭାପତି ଏବଂ ବରିଷ୍ଠ ସଦସ୍ୟ ଏବଂ କାର୍ଯ୍ୟନିର୍ବାହୀ ସଦସ୍ୟମାନେ ଏହି ଅବସରରେ ଉପସ୍ଥିତ ଥିଲେ । ଲୋକମାନେ ପରସ୍ପରକୁ ଦୀପାବଳି ମିଳନର ଶୁଭେଚ୍ଛା ଜଣାଇ ପରସ୍ପରକୁ ଶୁଭେଚ୍ଛା ଜଣାଇଥିଲେ । ଏହା ପରେ, ଜୋଇଜାତାରୁ ଆସିଥିବା କଳାକାରମାନେ ରାଜସ୍ଥାନୀ ସାରଣୀ ଏବଂ ପ୍ରଭୁ ରାମଙ୍କ ଗୀତ ପରିବେଷଣ କରିଥିଲେ, ଯାହାକୁ ଦେଖି ସମସ୍ତେ



ମହାରାଜା ଅଗ୍ରସେନ ସେବା ସଂଘର ମିଳିତ ଆନୁକୂଲ୍ୟରେ ଏହି ଦୀପାବଳିସ୍ନେହମିଳନପାଳିତହୋଇଥିଲା । ତିନୋଟି ସଂଗଠନର ପଦାଧିକାରୀ ଏବଂ ସଦସ୍ୟମାନଙ୍କ ସେମାନଙ୍କପରିବାରସହିତ ଅଂଶଗ୍ରହଣ କରିଥିଲେ । ସର୍ବପ୍ରଥମେ, ଭଗବାନ ଗଣେଶଙ୍କ ମୂର୍ତି ସମ୍ମୁଖରେ ଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମ ଆରମ୍ଭ କରାଯାଇଥିଲା । ଏଥିରେ ରାଜସ୍ଥାନ ପରିଷଦର ପୃଷ୍ଠପୋଷକ ଗୋପାଳ ବାଗାଡିଆ, ସଭାପତି ଜଗଦୀଶ ହରିତ, ହରିୟାଣା ନାଗରିକ ସଂଘର ସଭାପତି ଆଡଭୋକେଟ୍ ସଞ୍ଜୟ ନାଡିବାକୁ ଲାଗିଥିଲେ । ଏହି ଅବସରରେ, ଲକ୍ଷି ଏକ୍ତି କୁପର୍ ଡ୍ର ଝଟକା ରାଉଣ୍ଡରେ ବିଜେତା ପ୍ରତିଭାମାନଙ୍କୁ ପୁରସ୍କୃତ କରାଯାଇଥିଲା । କାର୍ଯ୍ୟକ୍ରମରେ ଆକର୍ଷଣର କେନ୍ଦ୍ର ଥିଲା ରାଜସ୍ଥାନୀ ଲୋକନୃତ୍ୟ । ରାଜସ୍ଥାନ ପରିଷଦ କମିଟି ଦ୍ୱାରା ହାଲୁକା ଖାଦ୍ୟ ଏବଂ ସ୍ୱାଦିଷ୍ଟ ଖାଦ୍ୟର ବ୍ୟବସ୍ଥା ମଧ୍ୟ କରାଯାଇଥିଲା । ଏହି କାର୍ଯ୍ୟକ୍ରମକୁ ସଫଳ କରିବାରେ ରାଜସ୍ଥାନ ପରିଷଦର ବଳ ସକ୍ରିୟ ଭୂମିକା ଗ୍ରହଣ କରିଥିଲେ ।

ଙ୍କଟାବାଞ୍ଜିରେ ରାଜ୍ୟ ମୁକ୍ତ ବିଦ୍ୟାଳୟ ପ୍ରତିଷ୍ଠାନ ତରଫରୁ ନାମଲେଖା ଶିବିର

ବଣ୍ଡାଙ୍ଗୀର,୧୦/୧୧(ନି/ପ୍ର): ରାଜ୍ୟ ମୁକ୍ତ ବିଦ୍ୟାଳୟ ପ୍ରତିଷ୍ଠାନ ଓଡ଼ିଶା ତରଫରୁ ସରକାରୀ ବାଳକ ଉଚ୍ଚ ବିଦ୍ୟାଳୟ ଙ୍କଟାବାଞ୍ଜି ଠାରେ ମେଗା ନାମଲେଖା ତଥା ସତେତନତା ଶିବିର ଅନୁଷ୍ଠିତ ହୋଇଯାଇଛି । ଭୁବନେଶ୍ୱର ଝୁଲର ଷ୍ଟଡିଏଂଟରର ମୁଖ୍ୟ ବାୟିତ୍ୱରେ ଥିବା ପ୍ରଧାନ ଶିକ୍ଷୟିତ୍ରୀ ନିହାରିକା ନାଗଙ୍କ ତତ୍ୱାବଧାନରେ ଶିକ୍ଷକ ତୁଲିଲ ପ୍ରଧାନଙ୍କ ମାର୍ଗ ବର୍ଦ୍ଧନରେ ପଚିଶ ଜଣ ଦଶମ ଶ୍ରେଣୀ ଓ ତାରି ଜଣ ଦ୍ୱାଦଶ ଶ୍ରେଣୀରେ ନାମ ଲେଖାଇଥିଲେ ।

ଆର୍ଯ୍ୟ ସମାଜର ୬୩ତମ ବାର୍ଷିକ ଉତ୍ସବ ଓ ଋଷି ନିର୍ବାଣ ପର୍ବ



ରାଉରକେଲା,୧୦/୧୧(ନି/ପ୍ର): ସେକ୍ଟର-୧୯ ସ୍ଥିତ ଆର୍ଯ୍ୟ ସମାଜର ୬୩ତମ ବାର୍ଷିକ ଉତ୍ସବ ଓ ଋଷି ନିର୍ବାଣ ପର୍ବ ମହା ସମାରୋହରେ ଅନୁଷ୍ଠିତ ହୋଇଯାଇଛି । ଏହି ଦ୍ୱିବିବସୀୟ କାର୍ଯ୍ୟକ୍ରମରେ ଗୁରୁକାରୀର ବାନପ୍ରସ୍ଥୁ ସାଧକ ଆଶ୍ରମର ପୂଜ୍ୟ ସ୍ୱାମୀ ସୁଭାନନ୍ଦ ପରିବ୍ରାଜକ ମୁଖ୍ୟତଃ ଭାବେ ଯୋଗଦେଇ ଋଷି ନିର୍ବାଣ ର ଅର୍ଥ ଓ ମହତ୍ୱ ଉପରେ ଆଲୋକପାତ କରିଥିଲେ । ପ୍ରଥମ ଦିବସରେ ଓମ୍ ଧ୍ୱଜା ଉତ୍ତୋଳନ,ଯଜ୍ଞ କାର୍ଯ୍ୟ, ଭଜନ, ପ୍ରବଚନ, ପ୍ରସାଦ ସେବନ, ସନ୍ଧ୍ୟା ଉପାସନା, ସୁନ୍ଦରଗଡ଼ ରୁ ଆସିଥିବା ବୈଦିକ ପାଲା ପରିବେଷଣ ଓ ଦ୍ୱିତୀୟ ଦିବସରେ ଯଜ୍ଞ, ଋଷି ନିର୍ବାଣ ଉତ୍ସବ ଓ ଶ୍ରଦ୍ଧାଳୁଙ୍କ ମଧ୍ୟରେ ପ୍ରସାଦ ବିତରଣ କରାଯାଇଥିଲା । ଅନୁଷ୍ଠାନର ସଭାପତି ଭଗବାନ ପ୍ରଧାନ ଓ ସମ୍ପାଦକ ବିଚିତ୍ର ମୋହନ ବେହେରାଙ୍କ ଆବାହକତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ ଉପୁନାଥପାଲୀ ବିଧାୟକ ତଥା ଜିଲ୍ଲା ଯୋଜନା କମିଟି ର ଅଧକ୍ଷ ଦୁର୍ଗାଚରଣ ତନ୍ତୀ ଓ ବାନପ୍ରସ୍ଥୁ ପ୍ରକାଶ ମୁନୀ ଯୋଗଦେଇ ଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ସୁଦେଷ୍ଣା ନାୟକ, ବିଷ୍ଣୁପ୍ରିୟା ବେହେରା, ହରପ୍ରିୟା ବେହେରା,ଅମିତା ବଜ, ଉପେନ୍ଦ୍ର ନାୟକ, ଅନିଲ କୁମାର ନାୟକ, ରାମେଶ୍ୱର ପତେଲ, ବାସୁଦେବ ତ୍ରିପାଠୀ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନା ରେ ସହଯୋଗ କରିଥିଲେ । ଶେଷରେ ସଭାପତି ଶ୍ରୀ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ ।

ସ୍ୱାସ୍ଥ୍ୟ, ପ୍ରକୃତି ଏବଂ ସୁସ୍ଥ ଜୀବନଶୈଳୀ ମାଧ୍ୟମରେ ମନୋଜ ହେଲଥ୍ କ୍ଲବ୍ ପକ୍ଷରୁ ସଚେତନତା ବାର୍ତ୍ତା

ରାଉରକେଲା,୧୦/୧୧(ନି/ପ୍ର): ଆଜିର ଦ୍ରୁତ ଗତିଶୀଳ ଏବଂ ଅତ୍ୟଧିକ ବ୍ୟସ୍ତବହୁଳ ଜୀବନଶୈଳୀରେ, ଲୋକମାନେ ଛୋଟ ଛୋଟ ସ୍ୱାସ୍ଥ୍ୟଗତ ସମସ୍ୟା ପାଇଁ ମଧ୍ୟ ଔଷଧ ଉପରେ ଅତ୍ୟଧିକ ନିର୍ଭରଶୀଳ ହୋଇପଡ଼ିଛନ୍ତି । ସେତେବେଳେ ଏଥିରେ ଜୌଷଧି ସମାଧାନ ମିଳେ ନାହିଁ, ସେତେବେଳେ ଏହା ନିରାଶାର କାରଣ ହୋଇଥାଏ । ଏହି ବିଷୟକୁ ଦୃଷ୍ଟିରେ ରଖି, ମନୋଜ ହେଲଥ୍ କ୍ଲବ୍ ପକ୍ଷରୁ ଲୋକମାନଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟରେ ରାଉରକେଲା ଜଗଦା ସ୍ଥିତ ବାଟ ମଙ୍ଗଳା ସଙ୍ଗିନୀ କକ୍ଷରେ ଏକ ସାମ୍ବାଦିକ ସଙ୍ଗିନୀ ଅନୁଷ୍ଠିତ ହୋଇଯାଇଛି । ସ୍ୱାସ୍ଥ୍ୟ, ପ୍ରକୃତି ଏବଂ ସୁସ୍ଥ ଜୀବନଶୈଳୀକୁ ନେଇ ଜନସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟରେ ଙ୍କ ମନୋଜ କୁମାର ମଲ୍ଲିଙ୍କ ଅଧକ୍ଷତାରେ ଏହି ସାମ୍ବାଦିକ ସଙ୍ଗିନୀ ଅନୁଷ୍ଠିତ ହୋଇଥିଲା । ଜଗଦା ବାଟ ମଙ୍ଗଳା ଠାରେ ମନୋଜ ହେଲଥ୍ କ୍ଲବ୍ ନାମରେ ଏକ ସ୍ୱାସ୍ଥ୍ୟ କ୍ଲବ୍ ଗଠନ କରାଯାଇଛି, ଯାହାର ଉଦ୍ଦେଶ୍ୟ ହେଉଛି ସ୍ୱାସ୍ଥ୍ୟ, ପ୍ରକୃତି ଏବଂ ସୁସ୍ଥ ଜୀବନଶୈଳୀ ବିଷୟରେ ଜନସଚେତନତା ସୃଷ୍ଟି କରିବା । ଏହାର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଚିକିତ୍ସା ପରାମର୍ଶ ସହିତ ମାନବ ସ୍ୱାସ୍ଥ୍ୟ କ୍ଷେତ୍ରରେ ପ୍ରକୃତିର ଅବଦାନ ବିଷୟରେ ସଚେତନତା ବୃଦ୍ଧି କରିବା । ମନୋଜ ହେଲଥ୍ କ୍ଲବ୍ର ପରିଚାଳନା ନିର୍ଦ୍ଦେଶକ ଙ୍କ. ମଲ୍ଲିକ ତାଙ୍କ ବକ୍ତବ୍ୟରେ ହୁବ ଯୋଗୁଳେନେଇ ବିଶେଷ ଆଲୋଚନା କରିବା ସହିତ ସୁସ୍ଥ ଜୀବନଶୈଳୀ ଉପରେ ଗୁରୁତ୍ୱାରୋପ କରିଥିଲେ । ସେହିପରି ଷ୍ଟ୍ରୋକ୍ ବିଷୟରେ ବିଶେଷ ଉପସ୍ଥାପନା କରିବା ସହ ଆମର ସ୍ୱାସ୍ଥ୍ୟ ନେଇ ପ୍ରତ୍ୟେକ ବ୍ୟକ୍ତି ନିଜର ଜୀବନଶୈଳୀକୁ ପରିବର୍ତ୍ତନ କରିବା ସହିତ ପ୍ରତ୍ୟେକ ବ୍ୟକ୍ତି ଖାଲି ପାବରେ ମାଟିରେ ଚାଲିବା ଉଚିତ୍ ବୋଲି ସେ ପରାମର୍ଶ ଦେଇଥିଲେ । ସେହିପରି ପନିପରିବାରୁ ବିଷକ୍ରିୟା ଦୂର ପାଇଁ ପରିବାରୁ ୨୦ ମିନିଟ୍ ଝୁଲ ପାଣିରେ ତୁଡାର ତାପରେ ବାହାର କରି ଭାଜିବା ଆବଶ୍ୟକ ବୋଲି ସୁସ୍ଥ ଜୀବନଶୈଳୀ ମାଧ୍ୟମରେ ସଚେତନତା ବାର୍ତ୍ତା ଦେଇଥିଲେ । ଏହା ସହ ପ୍ରାତଃ ଭ୍ରମରୁ ଶୟ୍ୟା ତ୍ୟାଗ, ରାତିରେ ଜଳ୍ ଖାଦ୍ୟ ଓ ୯ ଟା ମଧ୍ୟରେ ଖାଦ୍ୟ ଗ୍ରହଣ,ଜଙ୍କ ଫୁଡ୍ ଓ ମଇଦା ଜାତୀୟ ଖାଦ୍ୟ ରୁ ଦୂରରେ ରହିବା, ବୈନିକ ଅତ୍ୟ ଓ ରବ୍ଦଣ ପାଖୁଡ଼ାଏ ତୋଡେଇବା, ସୁନ୍ଦର ଶ୍ରୁତି ମଧୁର ସଂଗୀତ ଶୁଣିବା,ଆମିଷ ଖାଦ୍ୟରେ ଆବଶ୍ୟକ ହେଉଥିବା ପ୍ରୋଟିନ ଉପରେ ସେ ଗୁରୁତ୍ୱାରୋପ କରିଥିଲେ। ଏହି ସାମ୍ବାଦିକ ସଙ୍ଗିନୀରେ ମନିର କମିଟିର ସମସ୍ତ ସଦସ୍ୟ ଉପସ୍ଥିତ ଥିଲାବେଳେ ଶେଷରେ ପାତାୟର ଲେଙ୍କା ଧନ୍ୟବାଦ ଅର୍ପଣ କରିଥିଲେ ।



ବିଶ୍ୱ ଗୁଣବତା ସପ୍ତାହ-୨୦୨୬ ଅବସରରେ ଆରଏସ୍‌ପି ପକ୍ଷରୁ କୁଇଜ୍ ଓ ବିତର୍କ ପ୍ରତିଯୋଗିତା

ରାଉରକେଲା,୧୦/୧୧(ନି/ପ୍ର): ସେଲ୍, ରାଉରକେଲା ଇସ୍ପାତ କାରଖାନା (ଆରଏସ୍‌ପି) ପକ୍ଷରୁ ନଭେମ୍ବର ୯ ରୁ ୧୩ ତାରିଖ ପର୍ଯ୍ୟନ୍ତ ଆୟୋଜିତ ହେବାକୁ ଥିବା ବିଶ୍ୱ ଗୁଣବତା ସପ୍ତାହ-୨୦୨୬ ପାଳନର ଅଂଶସ୍ୱରୂପ କର୍ମଚାରୀମାନଙ୍କ ପାଇଁ ଏକ କୁଇଜ୍ ଓ ବିତର୍କ ପ୍ରତିଯୋଗିତା ଆୟୋଜନ କରାଯାଇଥିଲା । ଏହି କାର୍ଯ୍ୟକ୍ରମଗୁଡ଼ିକ ମାଧ୍ୟମରେ ଅଧିକାରୀ ଓ କର୍ମଚାରୀମାନଙ୍କୁ ଗୁଣବତା ସମ୍ପର୍କିତ ବିଭିନ୍ନ ଧାରଣା ଅନ୍ୱେଷଣ କରିବା ସହ ସଂଗଠନିକ କାର୍ଯ୍ୟଦକ୍ଷତା ବୃଦ୍ଧି ନିମନ୍ତେ ନିଜସ୍ୱ ମତାମତ ଓ ବିଚାରଧାରା ଆଦାନପ୍ରଦାନ କରିବାର ସୁଯୋଗ ମିଳିଥିଲା । ନଭେମ୍ବରରେ ୨ ତାରିଖରେ ଆୟୋଜିତ କୁଇଜ୍ ପ୍ରତିଯୋଗିତାରେ ୭୨ ଜଣ ଅଧିକାରୀ ଓ କର୍ମଚାରୀ ଅଂଶଗ୍ରହଣ କରିଥିଲେ । ଭାରପ୍ରାପ୍ତ ମହାପ୍ରବନ୍ଧକ, ମାନବ ସମ୍ବଳ (ସାଂଗଠନିକ ବିକାଶ) ଏବଂ ଜ୍ଞାନାର୍ଜନ ଓ ବିକାଶ ଶ୍ରୀ ଆର.କେ. ବର୍ମା, ଏହି କାର୍ଯ୍ୟକ୍ରମର ଉଦ୍‌ଘାଟନ କରିଥିଲେ । ଉଦ୍‌ଘାଟନୀ ଅଭିଭାଷଣରେ ସେ କାର୍ଯ୍ୟକ୍ରମରେ ଭାଗ ନେଇଥିବାରୁ ପ୍ରତିଯୋଗୀମାନଙ୍କୁ ଅଭିନନ୍ଦନ ଜଣାଇଥିଲେ । ଅଟ୍‌ଲାଇନ୍‌ରେ ଆୟୋଜିତ ଏହି କୁଇଜ୍‌ରେ ୩୬ଟି ବହୁବିଜଳିରିନିଜ ପ୍ରଶ୍ନ ରହିଥିଲା । ଏଥିରେ ବିଭିନ୍ନ ଆଇ ଏସ ଓ ମାନକ, ଲିନ୍ ମାନୁଫାକ୍ଚରିଙ୍ଗ, ୫ ଏସ , ଟୟୋଟା ପ୍ରଡକ୍ସନ୍ ସିଷ୍ଟମ୍ ଏବଂ ଷ୍ଟାଟିଷ୍ଟିକାଲ୍ ପ୍ରୋସେସ୍ କଣ୍ଟ୍ରୋଲ୍ ଆଦି ବିଷୟ ସ୍ଥାନ ପାଇଥିଲା । ଏଥିରେ ବିଷୟଗତ ଜ୍ଞାନ ସହିତ ତାହାର ବ୍ୟବହାରିକ ପ୍ରୟୋଗ ଉପରେ ବିଶେଷ ଗୁରୁତ୍ୱ ଦିଆଯାଇଥିଲା । ବିଜନେସ୍ ଏକ୍ସିଲେନ୍ସ (ବିଇ) ଟିମ୍ ଏବଂ ଜ୍ଞାନାର୍ଜନ ଓ ବିକାଶ (ଏଲ୍‌ଆଣ୍ଡଡି) ଟିମ୍‌ର ମିଳିତ ସହଯୋଗରେ ଏହି କାର୍ଯ୍ୟକ୍ରମ ପରିକାଳିତ ହୋଇଥିଲା । ଉତ୍ତରପ୍ରତ୍ତ ସଂଗ୍ରହ କରାଯିବା ପରେ ମହାପ୍ରବନ୍ଧକ (ମାନବ ସମ୍ବଳ-ଜ୍ଞାନାର୍ଜନ ଓ ବିକାଶ ଏବଂ ବିଇ ଇନ୍-ଚାର୍ଜ) ଶ୍ରୀ ଅନୁବିନ୍ଦ ମହାନ୍ତି, ପ୍ରତ୍ୟେକ ପ୍ରଶ୍ନର ଉତ୍ତର ଉପରେ ଆଲୋଚନା କରିବା ସହ ସେଗୁଡ଼ିକ ସହ ଜଡ଼ିତ ପରିଚାଳନାଗତ ଧାରଣାଗୁଡ଼ିକୁ ବିସ୍ତୃତ ଭାବେ ବୁଝାଇଥିଲେ । ଫଳରେ ଏହି ଅଧିବେଶନଟି ସମସ୍ତ ଅଂଶଗ୍ରହଣକାରୀଙ୍କ ପାଇଁ ଏକ ସାମୂହିକ ଶିକ୍ଷଣର ସୁଯୋଗ ପାଇଲିଥିଲା । ଏହି ଉତ୍ସବ ପାଳନର ଅଂଶସ୍ୱରୂପ ୪ ନଭେମ୍ବରରେ "ଗୁଣବତା: କାର୍ଯ୍ୟଦକ୍ଷତାର